## ସଂକ୍ଷେପରେ

### ଛାତରୁ ପଡ଼ି ଶ୍ରମିକ ମୃତ

**ବ୍ରହ୍ମପୁର ଅଫିସ,୨।୪:** ଆନ୍ଧ୍ରପ୍ରଦେଶ ବିଶାଖାପାଟଣା ଅଞ୍ଚଳର କେତେକ ଶ୍ରମିକ ଠିକାଦାରଙ୍କ ଜରିଆରେ ବ୍ରହ୍ମପୁରରେ ରହି କୋଠା ନିର୍ମାଣରେ ନିୟୋଜିତ ହେଉଛନ୍ତି। ସ୍ଥାନୀୟ ଧର୍ମନଗର ୨ୟ ସାରଣୀରେ ଏକ ଆପାର୍ଟମେଣ୍ଟ ନିର୍ମାଣ କାମରେ ନିୟୋଜିତ ହୋଇଥିବା ଜଣେ ଶ୍ରମିକ ୨୦ ଫୁଟ ଉଚ୍ଚ ଦୁଇ ମହଲାରୁ ଖସିପଡ଼ିବାରୁ ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ମୃତ ଶ୍ରମିକ ବିଶାଖାପାଟଣା ଗୁଦାକା ଥାନା ଅନ୍ତର୍ଗତ ସୁନ୍ଦରାୟାଁ କଲୋନୀର ଟି. ଚିକୁବାବୁ (୪୫) ବୋଲି ଟାଉନ ଥାନା ପୋଲିସ ସୂଚନା ଦେଇଛି। ଚିକୁବାବୁ ଓ ତାଙ୍କ ଗ୍ରାମର ୧୫ ଶ୍ରମିକଙ୍କୁ ଶ୍ରୀକାକୁଲମର ଜନୈକ ଠିକାଦାର ଚନ୍ଦ୍ରା ରାଓ ଏହି କାମରେ ନିୟୋଜିତ କରିଥିଲେ। ମଙ୍ଗଳବାର ଦୁଇ ମହଲା ଛାତ ପକାଇବା ପାଇଁ ସେଣ୍ଟ୍ରିଂ କାମ ଚାଲିଥିଲା। ମଧ୍ୟାହ୍ନ ପ୍ରାୟ ୧୨ଟା ବେଳେ ପ୍ରବଳ ଖରାରେ ସେ ସେଣ୍ଟ୍ରିଂ କାମ କରୁଥିବା ବେଳେ ଖସି ପଡ଼ିଥିଲେ। ତାଙ୍କ ସହ କାମ କରୁଥିବା ଅନ୍ୟ ଶ୍ରମିକମାନେ ୧୦୮ ଆମ୍ବୁଲାନ୍ସ ଜରିଆରେ ତାଙ୍କୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ସେଠାରେ ପହଞ୍ଚି ମୃତଦେହ ଜବତ କରି ନଂ. ୫/୧୯ରେ ମାମଲା ରୁଜୁ କରିଛି।

### ରକ୍ତଦାନ ଶିବିର

**ବ୍ରହ୍ମପୁର ଅଫିସ୍,୨।୪:** ରକ୍ତଦାନ ମହତ୍‌ଦାନର ବାର୍ତ୍ତାକୁ ନେଇ ରକ୍ତଦାନ ପାଇଁ ପ୍ରୋତ୍ସାହନ ସୃଷ୍ଟି କରିବା ଉଦ୍ଦେଶ୍ୟରେ ୨୦୦୦ ଏପ୍ରିଲ୍ ୨ ତାରିଖରେ ଜନ୍ମ ନେଇଥିଲା ସ୍ୱେଚ୍ଛାକୃତ ରକ୍ତଦାତା ସଂଘ(ଏଭିବିଡି) । ଏହି ଅବସରରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଶିବିରରେ ମୋଟ ୧୪ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ଡ. ରଶ୍ମିତା ପାଣିଗ୍ରାହୀ, ସୁଶାନ୍ତ ପାଣିଗ୍ରାହୀ, ବସନ୍ତ ବେହେରା, ରାମହରି ପଣ୍ଡା, ଡମ୍ବରୁ ବାହାଦୁର, ଇ.ଟି. ରାଓ, ଜାମୁଲା ସୁରେଶ, ରମାକାନ୍ତ ରଥ, ସୁଶାନ୍ତ ଘୋଷ, ରାଜା ସୁରେଶ, ନାନ୍ଦେଶୁ ସେନାପତି, ଶିବ ପ୍ରସାଦ, ଆନନ୍ଦ ରାଓ, ରଜନୀକାନ୍ତ ବକ୍ସି, ମନୋଜ କୁମାର ପାଢ଼ୀ, ଲକ୍ଷ୍ମୀ ନାରାୟଣ ପାତ୍ର, ଇ.ଜଗଦୀଶ, ପ୍ରସନ୍ନ ପାତ୍ର, ରାଜେନ୍ଦ୍ର ପାଢ଼ୀ, ପ୍ରଭାକର ରାଓ, କେ.ପି.କେ. ସୁବୁଦ୍ଧି ପ୍ରମୁଖ ଉପସ୍ଥିତ ଥିଲେ।

### ଶହୀଦ ଲକ୍ଷ୍ମଣ ନାୟକ ହାଇସ୍କୁଲରେ ପ୍ରବେଶ ଉତ୍ସବ

**ବ୍ରହ୍ମପୁର ଅଫିସ,୨।୪:** ସ୍ଥାନୀୟ ଶହୀଦ ଲକ୍ଷ୍ମଣ ନାୟକ ସ୍ମୃତି ସରକାରୀ ହାଇସ୍କୁଲରେ ଚଳିତ ଶିକ୍ଷାବର୍ଷର ପ୍ରବେଶ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀଛାତ୍ରମାନେ ରାଲିରେ ଅଞ୍ଚଳ ପରିକ୍ରମା ସହ ସରକାରୀ ଶିକ୍ଷାନୁଷ୍ଠାନରେ ମିଳୁଥିବା ସୁବିଧା ସମ୍ପର୍କରେ ସଚେତନ କରାଇବା ସହ ଏହାର ସୁଯୋଗ ନେବାକୁ ଆହ୍ୱାନ ଦେଇଥିଲେ। ବିଦ୍ୟାଳୟ ପରିସରରେ ହୋଇଥିବା ସଭାରେ ପ୍ରଧାନ ଶିକ୍ଷକ ମଲକାର୍ଜୁନ ବେବର୍ତ୍ତା ଅଧକ୍ଷତା କରିଥିବା ବେଳେ ଶିକ୍ଷୟିତ୍ରୀ, ଶିକ୍ଷକ ଓ ଅଭିଭାବକମାନେ ଉପସ୍ଥିତ ଥିଲେ। ନୂତନ ବିଦ୍ୟାର୍ଥୀମାନଙ୍କୁ ସ୍ୱାଗତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶିକ୍ଷକ କେଦାର ନାଥ ଚୌଧୁରୀ, ପ୍ରମୋଦ କୁମାର ପଣ୍ଡା, ମାଳବିକା ପାଢ଼ୀ, ଇନ୍ଦ୍ରମଣି ଦେବୀ, ରାଧାନାଥ ପାଢ଼ୀ, ସୂର୍ଯ୍ୟ ନାରାୟଣ ଶତପଥୀ ଓ ସବିତା ଚୌଧୁରୀ ପ୍ରମୁଖ ସଂଯୋଜନା କରିଥିଲେ ।

### ବୁଢ଼ୀଠାକୁରାଣୀ ଯାତ୍ରା
### ମା'ଙ୍କ ସଙ୍ଗୀତ ସିଡୀ ଲୋକାର୍ପିତ

**ବ୍ରହ୍ମପୁର ଅଫିସ,୨।୪:** ପ୍ରସିଦ୍ଧ ବୁଢ଼ୀଠାକୁରାଣୀଙ୍କ ଦ୍ୱିବାର୍ଷିକ ଯାତ୍ରା ପାଇଁ ଏବେ ଉତ୍ସବ ମୁଖର ହୋଇଛି ବ୍ରହ୍ମପୁର ସହର। ଅସ୍ଥାୟୀ ମଣ୍ଡପରେ ମା'ଙ୍କ ଦର୍ଶନ କରି କରୁଣା ଲାଭ କରିବା ପାଇଁ ଶ୍ରଦ୍ଧାଳୁମାନେ ବିଭିନ୍ନ ଦ୍ରବ୍ୟକୁ ମା'ଙ୍କୁ ଅର୍ପଣ କରିଥାନ୍ତି। କେହି ଶାଢ଼ି, ଚୁଡ଼ି ଅର୍ପଣ କରୁଛନ୍ତି। କେହି ପୁଣି ମନପସନ୍ଦ ଭୋଗ ଲାଗି କରାଇ କରୁଣା ଭିକ୍ଷା କରୁଛନ୍ତି। ଅନ୍ୟପକ୍ଷରେ ଯାତ୍ରାର ଗୁଣଗାନ କରି ଏକ ଭିନ୍ନ ଢଙ୍ଗରେ ଆଶିଷ ଭିକ୍ଷା କରିଛନ୍ତି ବ୍ରହ୍ମପୁରର କେତେକ ଯୁବ କଳାକାର। ମା' ବୁଢ଼ୀଠାକୁରାଣୀଙ୍କ ଏହି ଐତିହାସିକ ଲୀଳାକୁ ନେଇ ସେମାନେ ସମ୍ବଲପୁରୀ ଭାଷାରେ ପ୍ରସ୍ତୁତ କରିଛନ୍ତି ଏକ ଭଜନ। ଯାହାର ଭିଡିଓ ସିଡୀକୁ ମଙ୍ଗଳବାର ମା'ଙ୍କ ଅସ୍ଥାୟୀ ପୀଠରେ ଉନ୍ମୋଚନ କରାଯାଇଛି। ବିଶିଷ୍ଟ ଲୋକ ସଙ୍ଗୀତ ତଥା ଗାୟକ ସ୍ୱର୍ଗତ କେଦାର ପାଣିଗ୍ରାହୀଙ୍କ ଅନ୍ତେ ଏବଂ ବହୁ ସମୟ ପରେ ମା'ଙ୍କ ଲୀଳା ଉପରେ ଏହି ଭଜନ ପ୍ରସ୍ତୁତ ହୋଇଥିବା କଳାକାରମାନେ କହିଛନ୍ତି। ନୀଳାଞ୍ଚଳ ଗୌଡଙ୍କ ପ୍ରଯୋଜିତ ଏବଂ ସରୋଜ କୁମାର ମହାନ୍ତିଙ୍କ ରଚିତ ଏହି ଗୀତରେ ଯୁବ କଣ୍ଠଶିଳ୍ପୀ ପୀତାମ୍ବର ଗୌଡ କଣ୍ଠଦାନ କରିଛନ୍ତି। କିରଣ ମୂଳି ଏହାର ସ୍ୱର ସଂଯୋଜନା କରିଥିବା ବେଳେ ବାଲୁକା ଶିଳ୍ପୀ ସତ୍ୟନାରାୟଣ ମହାରଣା ନିର୍ଦ୍ଦେଶନା ଦେଇଛନ୍ତି। ମୃତ୍ୟୁଞ୍ଜୟ ବେହେରା ନୃତ୍ୟ ଓ ଜିନୁ କ୍ୟାମେରାରେ ସହଯୋଗ କରିଛନ୍ତି।

# ଘଟ ପରିକ୍ରମା ବେଳେ ୫ ରଥ, କଳାକୁଞ୍ଜକୁ ଆମନ୍ତ୍ରଣ

## ୫ମ ଦିନରେ ମା'ବୁଢ଼ୀଠାକୁରାଣୀ ଯାତ୍ରା






ମା'ଙ୍କ ଟାହିଆ ପୂଜା ପାଇଁ ନିଆଯାଉଛି। ଧର୍ମଝଣ୍ଡା ସ୍ଥାପନ ପୂର୍ବରୁ ମହିଳାମାନେ ହଳଦୀପାଣିରେ ପୂଜାର୍ଚ୍ଚନା କରୁଛନ୍ତି। ଯୁବକଙ୍କ ବାଦ୍ୟକାର ବେଶ।

**ବ୍ରହ୍ମପୁର ଅଫିସ,୨।୪**

ବ୍ରହ୍ମପୁରର ଅଧିଷ୍ଠାତ୍ରୀ ଦେବୀ ମା' ବୁଢ଼ୀଠାକୁରାଣୀଙ୍କ ପ୍ରସିଦ୍ଧ ଦ୍ୱିବାର୍ଷିକ ଯାତ୍ରାର ମଙ୍ଗଳବାର ଥିଲା ପଞ୍ଚମ ଦିବସ। ମଙ୍ଗଳବାର ମା'ଙ୍କ ବାର ଥିବାରୁ ଯାତ୍ରା ସ୍ଥଳରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା। ବିଶେଷ କରି ପରମ୍ପରା ଅନୁସାରେ ଯାତ୍ରାର ପଞ୍ଚମ ଦିବସରେ ଅସ୍ଥାୟୀ ମଣ୍ଡପ ଆଗରେ ସ୍ଥାପିତ ହୋଇଥିବା ଧର୍ମଝଣ୍ଡା ମୂଳରେ ମହିଳାମାନେ ଭିଡ ଜମାଇଥିଲେ। ଧର୍ମଝଣ୍ଡା ମା'ଙ୍କ ଧର୍ମର ପ୍ରତୀକ । ଧର୍ମଝଣ୍ଡାରେ ପ୍ରଥମେ ମାନସିକଧାରୀ ମହିଳାମାନେ ହଳଦୀ, କର୍ପୂର ଜଳ ଅର୍ପଣ କରି ପୂଜାର୍ଚ୍ଚନା ପରେ ମା'ଙ୍କ ନିକଟରେ ପୂଜାର୍ଚ୍ଚନା କରିବାର ବିଧି ରହିଛି। ଏହି ଝଣ୍ଡାମୂଳରେ ପୂଜା କଲେ ମାନସିକ ପୂରଣ ହୋଇଥାଏ ବୋଲି ମଧ୍ୟ ବିଶ୍ୱାସ ରହିଛି । ତେଣୁ ମହିଳାମାନେ ଦର୍ଶନ ପୂର୍ବରୁ ପ୍ରଥମେ ହଳଦୀ, କର୍ପୂର ମିଶା ପାଣି ଝଣ୍ଡା ମୂଳରେ ଅର୍ପଣ କରିବା ସହ ପିଠା ଓ ଖୀରି ଭୋଗ ଅର୍ପଣ କରିଥିଲେ । ଅପରପକ୍ଷରେ ପଞ୍ଚମ ଦିବସ ରାତ୍ରରେ ମା'ସାହି ପରିକ୍ରମା କରି ୫ ରଥ ଓ ଗୋଟିଏ କଳାକୁଞ୍ଜକୁ ଯାତ୍ରା ଦାଣ୍ଡକୁ ଆସିବାକୁ ଆମନ୍ତ୍ରଣ କରିଥିଲେ ।

ଯାତ୍ରାର ପଞ୍ଚମ ଦିବସରେ ସକାଳୁ ମା'ଙ୍କ ରୀତି ସହ ପୂଜାର୍ଚ୍ଚନା କରାଯିବା ସହ ଅନ୍ନଭୋଗ ଲାଗି କରାଯାଇଥିଲା। ପରମ୍ପରା ଅନୁସାରେ ଧର୍ମଝଣ୍ଡା ସ୍ଥାପିତ ହୋଇଥିଲା । କମଳାବାରୀ ସାହିରୁ ମା'ଙ୍କ ଧର୍ମର ପ୍ରତୀକ କୁହାଯାଉଥିବା ଧର୍ମଝଣ୍ଡା ପ୍ରଥମେ ସାହିରେ ପୂଜାର୍ଚ୍ଚନା କରାଯାଇଥିଲା। ଏହାପରେ ସାହିବାସୀମାନେ ବାଦ୍ୟ ବାଜଣା ସହ ପଟୁଆରରେ ଅସ୍ଥାୟୀ ମଣ୍ଡପକୁ ଆଣିଥିଲେ। ପ୍ରାୟ ୬୦ ଫୁଟ ଉଚ୍ଚତାର ଏହି ଧର୍ମଝଣ୍ଡାକୁ ଅସ୍ଥାୟୀ ମଣ୍ଡପ ସମ୍ମୁଖରେ ସ୍ଥାପନ କରାଯାଇଥିଲା। ଏହାପରେ ଧର୍ମଝଣ୍ଡାରେ ମୂଳରେ ମାନସିକଧାରୀ ମହିଳାମାନେ ଜଳ ଢାଳି ପୂଜାର୍ଚ୍ଚନା କରିଥିଲେ । ଚୈତ୍ରମାସର ଦ୍ୱିତୀୟ ମଙ୍ଗଳବାର ହୋଇଥିବାରୁ ଅସ୍ଥାୟୀ ପୀଠରେ ମା'ଙ୍କ ଦର୍ଶନ ପାଇଁ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା । ଅସ୍ଥାୟୀ ପୀଠରୁ ଦେଶୀବେହେରା ସାହି ମଧ୍ୟ ଭାଗ ପର୍ଯ୍ୟନ୍ତ ଭକ୍ତଙ୍କ ଲମ୍ବାଧାଡି ଦେଖିବାକୁ ମିଳିଥିଲା। ରାତିରେ ପାରମ୍ପରିକ ଭାବେ ମା'ଙ୍କ ଘଟ ବିଭିନ୍ନ ସାହି ପରିକ୍ରମାରେ ଅସ୍ଥାୟୀ ପୀଠରୁ ବାହାରିଥିଲା । ବାଦ୍ୟ, ବାଜଣା, ମହୁରୀ ନାଦ ମଧ୍ୟରେ ମା' ଦେବକୀ ମୁଖ୍ୟ ଘଟକୁ ମୁଣ୍ଡାଇଥିଲେ । ଦେବାଙ୍ଗ(ଡେରା) ସମ୍ପ୍ରଦାୟର ସେନାପତିଙ୍କ ସ୍ତ୍ରୀମାନେ ଅନ୍ୟ ୮ ପାର୍ଶ୍ୱଘଟକୁ ମୁଣ୍ଡାଇ ଅସ୍ଥାୟୀ ପୀଠରୁ ବାହାରି ରାଜବାଟୀ ଅଭିମୁଖେ ଯାଇଥିଲେ। ବାପା ପି. ଦୁର୍ଗାପ୍ରସାଦ ଦେଶୀବେହେରା ଓ ଅଞ୍ଚଳବାସୀ ଏଥିରେ ସାମିଲ ହୋଇଥିଲେ। ରାଜବାଟିରେ ମହୁରୀ ରାଜା ଆଶୋକ ଚନ୍ଦ୍ର ନରେନ୍ଦ୍ର ଦେବ ପୂଜାର୍ଚ୍ଚନା କରିବା ପରେ ଘଟ ଗୁଡବଜାର ଅଞ୍ଚଳରେ ପ୍ରବେଶ କରିଥିଲା। ଗୁଡବଜାର ଅଞ୍ଚଳ ଦେଇ ବାଟୁଆରୀ ସାହିରେ ପହଞ୍ଚିଥିଲା । ସେଠାରେ ମା'ଙ୍କ ଅତିପ୍ରିୟ ରଥ ବିଞ୍ଝଣା ରଥକୁ ଯାତ୍ରା ଦାଣ୍ଡକୁ ଯିବାକୁ ଆମନ୍ତ୍ରଣ କରିଥିଲେ। ଏହାପରେ ମା' ଷଣ୍ଢ ମହାନ୍ତି ସାହିର ଶିବାରୁଢ କାଳି ରଥ, କାଲୁପାତ୍ର ସାହିର ଜ୍ୱଳାମୁଖୀ ରଥ, କେଦାରେଶ୍ୱର ରୋଡର ମା ଜ୍ୱାଳା ରଥ, ଚନ୍ଦ୍ରମା ସାହିର ଡଙ୍ଗା ରଥକୁ ସାହି ପରିକ୍ରମା ବେଳେ ଯାତ୍ରା ଦାଣ୍ଡକୁ ଯିବା ଆମନ୍ତ୍ରଣ କରିଥିଲେ । ପରେ ଚନ୍ଦ୍ରମା ସାହିରୁ ନଡିଆ ଗୁର୍ଜି ହୋଇ ମା'ଅସ୍ଥାୟୀ ମନ୍ଦିରକୁ ବହୁଡିଥିଲେ। ରାସ୍ତାରେ ମହିଳାମାନେ ମା'ଙ୍କ ମୁଖ୍ୟଘଟଧାରୀ ମା' ଦେବକୀଙ୍କ ପାଦରେ ହଳଦୀ କର୍ପୂର ମିଶା ପାଣି ଢାଳି ପୂଜା କରିବା ଭିଡ ଜମାଇଥିଲେ। ମା'ଙ୍କ ଆମନ୍ତ୍ରଣ ପରେ ପ୍ରଥମେ ବିଞ୍ଝଣା ରଥ ଯାତ୍ରା ଦାଣ୍ଡକୁ ସପ୍ତାହକ ମଧ୍ୟରେ ଓହ୍ଲାଇବ । ଏହାପରେ ଗୋଟିଏ ପରେ ଗୋଟିଏ ରଥ ଯାତ୍ରା ଦାଣ୍ଡକୁ ଆସିବ ବୋଲି ଯାତ୍ରା ପରିଚାଳକ ଦେଶୀବେହେରାଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।

### ପ୍ରଥମେ ଯାତ୍ରା ଦାଣ୍ଡକୁ ଆସେ ବିଞ୍ଝଣା ରଥ

ମା' ବୁଢ଼ୀଠାକୁରାଣୀଙ୍କ ଐତିହାସିକ ଯାତ୍ରାରେ ଏକ ଅନ୍ୟତମ ଆକର୍ଷଣ ଥାଏ ବିଭିନ୍ନ ସାହି ଦ୍ୱାରା ପ୍ରସ୍ତୁତ ରଥ ଓ କଳାକୁଞ୍ଜ । ଯାତ୍ରା ଆରମ୍ଭର ତୃତୀୟ ଦିବସରୁ ପ୍ରତ୍ୟେକ ଦିନ ମା'ଙ୍କ ବିଭିନ୍ନ ସାହି ପରିକ୍ରମା କରି ରଥ ଓ କଳାକୁଞ୍ଜକୁ ଆମନ୍ତ୍ରଣ କରିଥାନ୍ତି । ଅନ୍ୟରଥମାନଙ୍କ ମଧ୍ୟରେ ଦୋଳି, ବିଞ୍ଝଣା, ବୋଇତ ମା'ଙ୍କ ଅତିପ୍ରିୟ ରଥ । ଯାତ୍ରାର ପଞ୍ଚମ ଦିବସରେ ବାଟୁଆରୀ ସାହିର ବିଞ୍ଝଣା ରଥକୁ ମା'ସାହି ପରିକ୍ରମାରେ ଯାଇ ଆମନ୍ତ୍ରଣ କରିଥାନ୍ତି । ଏହାପରେ ସପ୍ତାହକ ମଧ୍ୟରେ ସର୍ବପ୍ରଥମେ ଏହି ରଥ ଯାତ୍ରା ଦାଣ୍ଡକୁ ଆସିବାର ପରମ୍ପରା ରହିଥିବା ଅଞ୍ଚଳବାସୀ କହିଛନ୍ତି । ପ୍ରାୟ ୨୦୦ ବର୍ଷର ପ୍ରାଚୀନ ଏହି ରଥର ଉଚ୍ଚତା ୧୪ ଫୁଟ ଓ ଓସାର ୧୦ ଫୁଟ ରହିଛି । ଯାତ୍ରା ସମୟରେ ଏଥିରେ ଏହି ରଥକୁ ଆଲୋକ ସଜ୍ଜା ଦ୍ୱାରା ସଜ୍ଜିତ କରାଯାଇଥାଏ । ମା'ଙ୍କ ଅତି ପ୍ରିୟ ହୋଇଥିବାରୁ ଏହି ରଥ ଯାତ୍ରାଦାଣ୍ଡକୁ ଆସିବା ଦିନ ସର୍ବପ୍ରଥମେ ଏହି ରଥକୁ ଉନ୍ମୋଚନ କରିବା ପରେ ରାଜବାଟିକୁ ଯାଇଥାନ୍ତି । ଏହି ରଥ ଲୋକାର୍ପିତ ପରେ ଯାତ୍ରାସ୍ଥଳ ତଥା ଅଞ୍ଚଳ ମଧ୍ୟ ଗୀଷ୍ମ ପ୍ରକୋପରୁ ସ୍ୱଳ୍ପ ଆରାମ ଲାଭ କରିଥାଏ ବୋଲି ବିଶ୍ୱାସ ରହିଛି । ରଥ ଉନ୍ମୋଚନ ଦିନ ଭିନ୍ନ ଭିନ୍ନ ବେଶଧାରୀ ଶିଶୁମାନେ ଉପବାସ କରିବା ସହ ରଥରେ ବସିଥାନ୍ତି ବୋଲି ଅଞ୍ଚଳବାସୀ କହିଛନ୍ତି ।



ମଙ୍ଗଳବାରରୁ ୧୩ଦିନିଆ ଦଣ୍ଡନାଚ ଆରମ୍ଭ ହୋଇଯାଇଛି । ବ୍ରହ୍ମପୁର ସହର ଦଣ୍ଡୁଆମାନେ କୁମ୍ଭ ଢ଼ାଳିବା ପାଇଁ ଯାଉଛନ୍ତି । (ଫଟୋ–ସମୀର)

## କୋର୍ଟରେ ହାଜର ହେଲେ ବିଏମ୍‌ସିର ପୂର୍ବତନ ମେୟର
### ପିଣ୍ଟୁ ପୁଣି ଏକ ଆଟ୍ରୋସିଟି ମାମଲାରେ ଜଡ଼ିତ

**ବ୍ରହ୍ମପୁର ଅଫିସ,୨।୪**

ବ୍ରହ୍ମପୁର ମଣ୍ଡଳ କାରାଗାରରେ ଥିବା ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି)ର ପୂର୍ବତନ ମେୟର ଶିବ ଶଙ୍କର ଦାସ ଓରଫ ପିଣ୍ଟୁଙ୍କ ଅଡୁଆ ଏବେ ବଢ଼ିବାରେ ଲାଗିଛି। ମଙ୍ଗଳବାର କଡ଼ା ସୁରକ୍ଷା ବଳୟରେ ପିଣ୍ଟୁଙ୍କୁ ଅଣାଯାଇ ଜିଲା ଦୌରାଜଜଙ୍କ କୋର୍ଟରେ ହାଜର କରାଯାଇଥିଲା। ଜଣେ ଅନୁସୂଚିତ ଜାତି ମହିଳାଙ୍କୁ ପିଣ୍ଟୁ ଓ ତାଙ୍କ ସହଯୋଗୀମାନେ ଜାତିଆଣ ମନ୍ତବ୍ୟ ଦେବା ସହ ତାଙ୍କ ଜମି ହଡ଼ପ କରିଥିଲେ। ଜିଲା ଜଜ୍ ବିଭୁ ପ୍ରସାଦ ରାଉତରାୟ ଏହି ମାମଲାରେ ପିଣ୍ଟୁଙ୍କୁ ମଙ୍ଗଳବାର ଜଡ଼ିତ କରାଯାଇଥିବା କହିଥିଲେ। ପୂର୍ବରୁ କନିଷିର ବୃନ୍ଦାବନ ଦାସ ଓ ତାଙ୍କର ଜଣେ ସମ୍ପର୍କୀୟଙ୍କୁ ପିଣ୍ଟୁ ଓ ତାଙ୍କ ସହଯୋଗୀମାନେ ସେମାନଙ୍କ ଜାତିଆଣ ଆକ୍ଷେପ କରି ଗାଳିଗୁଲଜ କରିବା ସହ ଜମି ହଡ଼ପ କରିଥିବା ଅଭିଯୋଗ ହୋଇଥିଲା। ଏବେ ଏହି ମାମଲାଗୁଡ଼ିକର କୋର୍ଟରେ ବିଚାର ଚାଲିଛି। ସେପଟେ ପିଣ୍ଟୁଙ୍କୁ ପୁଣି ଏକ ଆଟ୍ରୋସିଟି ମାମଲାରେ ମଙ୍ଗଳବାର ଜଡ଼ିତ କରାଯାଇଛି । ଫଳରେ ସେ ଏବେ ଜେଲରୁ ମୁକୁଳିବା ଏକ ପ୍ରକାର କଷ୍ଟକର ହୋଇପଡ଼ିଛି।

ସୂଚନାଯୋଗ୍ୟ, ପିଣ୍ଟୁ ଓ ତାଙ୍କ ସହଯୋଗୀମାନେ ମଙ୍ଗଳା ଦାସଙ୍କୁ ଗାଳିଗୁଲଜ ଓ ତାଙ୍କ ଜମି ହଡ଼ପ କରିଥିବା ନେଇ ସେ ଗୋଳନ୍ଥରା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମହିଳାଙ୍କ ଏତଲା ଗ୍ରହଣ କରି ନ ଥିଲା। ପରେ ଅଭିଯୋଗକାରୀ ମହିଳା ଜିଲା ଜଜ୍‌ଙ୍କ କୋର୍ଟରେ ଆଶ୍ରୟ ନେଇଥିଲେ। କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଗୋଳନ୍ଥରା ପୋଲିସ ନଂ. ୬/୧୯ରେ ଏକ ଆଟ୍ରୋସିଟି ମାମଲା ରୁଜୁ କରିଥିଲା।

## ଟ୍ୟାଙ୍କରରୁ ଡିଜେଲ ଚୋରି ଘଟଣା: ଫେରାର ଡ୍ରାଇଭର ଗିରଫ

**ବ୍ରହ୍ମପୁର ଅଫିସ,୨।୪:** ଲାଞ୍ଜିପଲ୍ଲୀ ଗୁଡସଶେଡ୍ ରୋଡରେ ଥିବା ଏକ ଟ୍ୟାଙ୍କରରୁ ତେଲ ଚୋରି ଘଟଣାରେ ଫେରାର ଥିବା ଡ୍ରାଇଭରଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ପ୍ରଶାନ୍ତ ସାହୁ (୪୧)। ତାଙ୍କ ଘର ଗଜପତି ଜିଲା ମୋହନା ହୋଇଥିବା ବେଳେ ସେ ଏବେ ଲାଞ୍ଜିପଲ୍ଲୀ ତ୍ରିନାଥ ମନ୍ଦିର ନିକଟରେ ଭଡ଼ାରେ ରହୁଥିଲେ। ଗୋଷାଣୀନୂଆଗାଁ ପୋଲିସ ନଂ. ୩୮/୧୯ରେ ପ୍ରଶାନ୍ତଙ୍କୁ କୋର୍ଟଚାଲାଣ କରିଥିବା ଥାନାଧିକାରୀ ସୁମିତ କୁମାର ସୋରେନ ସୂଚନା ଦେଇଛନ୍ତି। ଏହି ଘଟଣାରେ ହେଲ୍‌ପର ଏବେ ବି ଫେରାର ଅଛନ୍ତି। ଏକ ଟ୍ୟାଙ୍କରରୁ ତେଲ ଚୋରି ହେଉଥିବା ନେଇ ରବିବାର ରାତିରେ ପୋଲିସ ଖବର ପାଇ ସେଠାରେ ପହଞ୍ଚିଥିଲା। ଟ୍ୟାଙ୍କରରୁ ଡିଜେଲ ଚୋରି କରି ଘରେ ମହଜୁଦ ରଖିଥିବା ଅଭିଯୋଗରେ ପୋଲିସ ବିହାର ଅଞ୍ଚଳର ଜଣେ ଯୁବକ ରାଜୁ ତିୱାରୀଙ୍କୁ ଗିରଫ କରିଥିଲା। ସେ ରହୁଥିବା ଘରୁ ୧୪୦ ଲିଟର ଚୋରା ଡିଜେଲ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଥିଲା। ପରେ ରାଜୁଙ୍କୁ ପୋଲିସ ସୋମବାର କୋର୍ଟଚାଲାଣ କରିଥିଲା ।

## ଆକ୍ରମଣକାରୀଙ୍କୁ ବର୍ଷେ ଜେଲ

**ବ୍ରହ୍ମପୁର ଅଫିସ,୨।୪**

ଏକ ଆକ୍ରମଣ ମାମଲାର ଶୁଣାଣି କରି ମଙ୍ଗଳବାର ବ୍ରହ୍ମପୁର ପ୍ରଥମ ଶ୍ରେଣୀ ମାଜିଷ୍ଟ୍ରେଟ ଅଭିଯୁକ୍ତ ସୁଦାମ ରାଉଳଙ୍କୁ ଏକ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ପ୍ରକାଶ ଯେ, ୨୦୧୫ ଜୁଲାଇ ୭ ତାରିଖ ଅପରାହ୍ନରେ କନିଷି ହାଟ ଦୁର୍ଗାମାଧବ ହୋଟେଲ ସମ୍ମୁଖରେ ଅଭିଯୁକ୍ତ ସୁଦାମ ୨ ଜଣଙ୍କୁ ଆକ୍ରମଣ କରିଥିଲେ। ଘଟଣାଦିନ ସୁଦାମ ଗୋଳନ୍ଥରାରୁ ଜେ. ନାରାୟଣ ରେଡ୍ଡୀଙ୍କ ଅଟୋ (ନଂ. ଓଡି୦୭ଏଫ୨୩୩୭)ରେ କନିଷି ଆସିଥିଲେ। ଅଟୋ ଡ୍ରାଇଭର ନାରାୟଣ ଭଡ଼ା ପଇସା ସୁଦାମଙ୍କୁ ମାଗିଥିଲେ। ଭଡ଼ା ନ ଦେବାକୁ କେନ୍ଦ୍ରକରି ସୁଦାମ ଅଟୋ ଡ୍ରାଇଭରଙ୍କ ସହ ଝଗଡ଼ା କରିଥିଲେ। ଏହା ଦେଖି ଦୁର୍ଗାମାଧବ ହୋଟେଲ ମାଲିକ ରାମକୃଷ୍ଣ ମହାରଣା ଏଠାରେ ଝଗଡ଼ା କାହିଁକି କରୁଛ ବୋଲି ସୁଦାମଙ୍କୁ କହିଥିଲେ। ପରେ ସୁଦାମ ହୋଟେଲ ଭିତରକୁ ଯାଇ ଏକ ଛୁରି ଆଣି ଉଭୟଙ୍କୁ ଆକ୍ରମଣ କରିଥିଲେ । ଏଥିରେ ଅଟୋ ଡ୍ରାଇଭର ଓ ହୋଟେଲ ମାଲିକ ଆହତ ହୋଇଥିଲେ। ଏନେଇ ଅଭିଯୋଗ ପରେ ଗୋଳନ୍ଥରା ଥାନା ପୋଲିସ ନଂ. ୮୦/୧୫ ମାମଲା ରୁଜୁ କରି ସୁଦାମଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ପରେ ପୋଲିସ ପକ୍ଷରୁ କୋର୍ଟରେ ଚାର୍ଜଶିଟ ଦାଖଲ କରାଯାଇଥିଲା। ମଙ୍ଗଳବାର ଏହି ମାମଲାର ବିଚାର ବେଳେ ୫ ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ଉପଯୁକ୍ତ ପ୍ରମାଣ ମିଳିବାରୁ ଜେଏମଏଫସି ଏସ୍.କେ. ଆଚାର୍ଯ୍ୟ ଅଭିଯୁକ୍ତ ସୁଦାମଙ୍କୁ ଉପରୋକ୍ତ ଦଣ୍ଡାଦେଶ ଦେଇଥିବା କୋର୍ଟ ସୂତ୍ରରୁ ପ୍ରକାଶ। ସରକାରଙ୍କ ପକ୍ଷରୁ ଏପିପି ପି. ସୁବାସ ପାତ୍ର ଓ ମୁଦାଲାଙ୍କ ପକ୍ଷରୁ ଆଇନଜୀବୀ ମୃତ୍ୟୁଞ୍ଜୟ ମହାରଣା ମକଦ୍ଦମା ପରିଚାଳନା କରୁଥିଲେ ।

## ଆବାସିକ ଯୁବ ପ୍ରଶିକ୍ଷଣ ଶିବିର

**ବ୍ରହ୍ମପୁର ଅଫିସ୍,୨।୪**

କେନ୍ଦ୍ର ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଅଧୀନରେ ଥିବା ଜିଲା ନେହରୁ ଯୁବ କେନ୍ଦ୍ର ସଂଗଠନ ଏବଂ ସ୍ମାଇଲ୍ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମିଳିତ ଆନୁକୂଲ୍ୟରେ ତିନି ଦିନିଆ ଆବାସିକ ଯୁବ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଗୋପାଳପୁର କରାପଲ୍ଲୀସ୍ଥିତ ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କର କୃଷକ ତାଲିମ କେନ୍ଦ୍ରରେ ଏହା ଆୟୋଜିତ ହୋଇଥିଲା। ସୂଚନା ଓ କ୍ଷେତ୍ର ପ୍ରଚାର ସଂସ୍ଥାର ଗଞ୍ଜାମ ଓ ଗଜପତି ଜିଲା ଅଧିକାରୀ ମନମୋହନ ପାଢୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସ୍ମାଇଲ୍ ସଂସ୍ଥା ସମ୍ପାଦକ ତଥା ରାଜ୍ୟ ପ୍ରଶିକ୍ଷକ ସୁକଣ୍ଠ ପଣ୍ଡା ମୁଖ୍ୟବକ୍ତା ଏବଂ ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ କୃଷକ ତାଲିମ କେନ୍ଦ୍ର ନିର୍ଦ୍ଦେଶକ ବଳରାମ ବେହେରା, ହାନିପ କୁମାର, ନେହରୁ ଯୁବ କେନ୍ଦ୍ର ବରିଷ୍ଠ ଆକାଉଣ୍ଟାଣ୍ଟ ସୁଦାମ ଚରଣ ସାବତ ଯୋଗ ଦେଇଥିଲେ । ଦେଶ ଗଠନରେ ଯୁବବର୍ଗଙ୍କ ଭୂମିକା, ଦାୟିତ୍ୱ ଏବଂ କର୍ତ୍ତବ୍ୟ ସମ୍ପର୍କରେ ଅତିଥିମାନେ ପ୍ରକାଶ କରିଥିଲେ। ତାଲିମଦାତା ଭାବେ ସୁକଣ୍ଠ ପଣ୍ଡା, ଡା. ରାମକୃଷ୍ଣ ସାହୁ ଏବଂ ପ୍ରାଧ୍ୟାପକ ଡା. ସତୀଶ ପ୍ରସାଦ ନାୟକ ଓ ସଞ୍ଜୟ ସାହୁ ତାଲିମ ଦେଇଥିଲେ । ଶିବିରରେ ୪୫ ଯୁବତୀ ଯୁବକ ଭାଗ ନେଇଥିଲେ। ଉଦ୍‌ଯାପନୀ ଦିବସରେ ମୁଖ୍ୟଅତିଥି ଭାବେ ନେହରୁ ଯୁବ କେନ୍ଦ୍ର ଜିଲା ସଂଯୋଜକ ଅଶୋକ କୁମାର ଦାଶ, ସମ୍ମାନିତ ଅତିଥି ଟାଟା ଷ୍ଟିଲ ରୁରାଲ୍ ଡେଭଲପ୍‌ମେଣ୍ଟ ସୋସାଇଟି ମୁଖ୍ୟ ରୋକି ମାର୍ଟିନ୍, ନେହେରୁ ଯୁବ କେନ୍ଦ୍ରର ବରିଷ୍ଠ ହିସାବ ରକ୍ଷକ ସୁଦାମ ଚରଣ ସାବତ, ସାମାଜିକକର୍ମୀ ସେବୀ ଉମାକାନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଶିକ୍ଷକ ସୁକଣ୍ଠ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ପ୍ରଶିକ୍ଷାର୍ଥୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।




ଶିବିରରେ ଭାଗ ନେଇଥିବା ପ୍ରଶିକ୍ଷାର୍ଥୀ ।

## ଗଞ୍ଜେଇ ଜବତ, ଜଣେ ଗିରଫ

**ବ୍ରହ୍ମପୁର ଅଫିସ,୨।୪**

ବ୍ରହ୍ମପୁର ଅବକାରୀ ଷ୍ଟ୍ରାଇକିଂ ଫୋର୍ସ ପକ୍ଷରୁ ମଙ୍ଗଳବାର ନେହେରୁ ପାର୍କ ନିକଟରେ ଏକ ଗଞ୍ଜେଇ ଭର୍ତ୍ତି ଏୟାର ବ୍ୟାଗ ଜବତ କରିଛି। ସେଥିରୁ ୧୨.୫ କେଜି ଗଞ୍ଜେଇ ଜବତ ହୋଇଛି। ଗଞ୍ଜେଇ ଚାଲାଣ କରୁଥିବା ଜଣେ ଯୁବକଙ୍କୁ ଅବକାରୀ ପୋଲିସ ଗିରଫ କରିଛି । ସେ ହେଲେ ବିହାର ପାଟନା ଅଞ୍ଚଳର ସୁମିତ କୁମାର (୧୮) ବୋଲି ଅବକାରୀ ଷ୍ଟ୍ରାଇକିଂ ଫୋର୍ସ ଅଧିକାରୀ ରୋଷନ ହୋତା ସୂଚନା ଦେଇଛନ୍ତି। ନଂ ୧/୧୯–୨୦ ଅନୁସାରେ ସୁମିତଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯାଇଛି । ଜେରା ବେଳେ ଜଣାପଡ଼ିଛି, ସୁମିତ ସୋମବାର ରାତିରେ କୋରାପୁଟରୁ ବସ ଯୋଗେ ବ୍ରହ୍ମପୁରରେ ପହଞ୍ଚିଥିଲେ। ସେ ଟ୍ରେନରେ ବିହାର ଗଞ୍ଜେଇ ଚୋରାଚାଲାଣ କରୁଥିଲେ ବୋଲି ହୋତା କହିଛନ୍ତି। କୋରାପୁଟରୁ ଗଞ୍ଜେଇ ବ୍ରହ୍ମପୁର ଦେଇ ଚାଲାଣ ହେଉଥିବା ଖବର ମିଳିଥିଲା। ହୋତା ଓ ତାଙ୍କ ଟିମ ନେହେରୁ ପାର୍କ ନିକଟରେ ଛକି ରହିଥିଲେ। ସନ୍ଦେହଜନକ ଭାବେ ଯୁବକ ଜଣକ ଯାଉଥିବା ବେଳେ ତାଙ୍କୁ ଅଟକାଇ ଯାଞ୍ଚ କରାଯାଇଥିଲା।

### ଚାମ୍ବର ଅଫ୍ କମର୍ସରେ ଭାଜପା ପ୍ରାର୍ଥୀ
## ରାଜନୈତିକ ଇଚ୍ଛାଶକ୍ତିର ଅଭାବ, ବିକାଶରେ ବାଧକ

**ବ୍ରହ୍ମପୁର ଅଫିସ୍,୨।୪**




ଆଲୋଚନା ଚକ୍ରରେ ମଞ୍ଚାସୀନ ଭାଜପା ପ୍ରାର୍ଥୀ ଏବଂ ଚାମ୍ବର ଅଫ୍ କମର୍ସ କର୍ମକର୍ତ୍ତା।

ଗଞ୍ଜାମ ଚାମ୍ବର୍ ଅଫ୍ କମର୍ସ ତରଫରୁ ମଙ୍ଗଳବାର ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଭାଜପା ବ୍ରହ୍ମପୁର ଲୋକ ସଭା ପ୍ରାର୍ଥୀ ଭୃଗୁ ବକ୍ସିପାତ୍ର ଏବଂ ବିଧାନସଭା ପ୍ରାର୍ଥୀ କାହ୍ନୁଚରଣ ପତି ଯୋଗଦେଇ ବ୍ରହ୍ମପୁରର ସମସ୍ୟା ଏବଂ ତା'ର ସମାଧାନ ପାଇଁ ସେମାନେ ପ୍ରସ୍ତୁତ କରିଥିବା ଯୋଜନା ସମ୍ପର୍କରେ କହିଥିଲେ। ଭୃଗୁ ବକ୍ସିପାତ୍ର ପ୍ରଥମେ ମତରଖି କହିଥିଲେ, ଭାରତ ଛାଡ଼ ଆନ୍ଦୋଳନ ସମୟରୁ ଚାମ୍ବର ଅଫ୍ କମର୍ସ ଭିନ୍ନ ନାମରେ ଗଠନ ହୋଇଥିଲା । ବର୍ତ୍ତମାନ ସମୟ ଆସିଛି ରାଜନୀତିରୁ ଦୁର୍ନୀତିକୁ ବାହାର କରିବା। ଏଥି ପାଇଁ ସମସ୍ତେ ଭୋଟ୍‌ଦେବା ଆବଶ୍ୟକ। ବ୍ୟବସାୟୀ ଗୋଷ୍ଠୀ ଏବଂ ବୁଦ୍ଧିଜୀବୀମାନେ ଅଧିକରୁ ଅଧିକ ଭୋଟ୍‌ଦେବା ଦରକାର। ତେବେ ଯାଇ ହିଁ ପରିବର୍ତ୍ତନ ସମ୍ଭବ ହୋଇପାରିବ। ଅନ୍ୟ ଭୋଟର୍‌ମାନେ ବିଭିନ୍ନ ପ୍ରତିଶ୍ରୁତିରେ ପ୍ରଲୋଭିତ ହୋଇଥାନ୍ତି। କିନ୍ତୁ ବୁଦ୍ଧିଜୀବୀଙ୍କୁ ପ୍ରଲୋଭିତ କରିବା କଷ୍ଟ। ସମସ୍ତେ ବୁଝି ବିଚାରି ଭୋଟ୍ ଦେବାକୁ ସେ ଆହ୍ୱାନ ଦେଇଥିଲେ। ଏଥି ସହ ସେ କହିଥିଲେ, ଗଞ୍ଜାମ ଜିଲାରୁ ଲୋକମାନେ ଗୁଜରାଟ, ମହାରାଷ୍ଟ୍ରକୁ କାମ ପାଇଁ ଯାଉଛନ୍ତି। ଏଠାରୁ ଲୋକମାନେ ନ ଗଲେ ସୁରଟରେ ସୂତାକଳ ବନ୍ଦ ହୋଇଯିବ। ଗଞ୍ଜାମରୁ ଲୋକମାନେ ଅନ୍ୟ ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି, କାରଣ ଏଠାରେ ଶିଳ୍ପ ନାହିଁ। ଗଞ୍ଜାମ ଜିଲା ଏମିତି ଏକ ଜାଗା ଯେଉଁଠି ଉଡାଜାହାଜ ଚଳାଚଳ, ବନ୍ଦର ଏବଂ ରାସ୍ତା ସଂଯୋଗ ବ୍ୟବସ୍ଥା ଅଛି। ହେଲେ ରାଜନୈତିକ ଇଚ୍ଛାଶକ୍ତିର ଅଭାବରୁ ଗଞ୍ଜାମର ବିକାଶ ହୋଇପାରୁନି ବୋଲି ସେ କହିଥିଲେ। ଭାଜପା ଜିତିଲେ ଗଞ୍ଜାମର ସମସ୍ୟା ଦୂର ହୋଇପାରିବ ବୋଲି ସେ ପ୍ରକାଶ କରିଥିଲେ । ବିଧାନସଭା ପ୍ରାର୍ଥୀ କାହ୍ନୁ ଚରଣ ପତି କହିଥିଲେ, କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାର କାର୍ଯ୍ୟକାରିତାରେ ବ୍ୟାପକ ଦୁର୍ନୀତି ହୋଇଛି। ପ୍ରଶାସନ ଏଥିରେ ସମ୍ପୃକ୍ତ। ଭାଜପା ଶାସନକୁ ଆସିଲେ ଦୁର୍ନୀତିକୁ ଦୂର କରାଯାଇ କେନ୍ଦ୍ର ସରକାରଙ୍କ ଯୋଜନା ଘରେ ଘରେ ପହଞ୍ଚା ଯିବ ବୋଲି ସେ କହିଥିଲେ। ଚାମ୍ବର ଅଫ୍ କମର୍ସର ସମ୍ପାଦକ ସନ୍ତୋଷ ସାହୁଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ ।

**ପୂର୍ବ ତଟ ରେଳପଥ**
**ବୈଦ୍ୟୁତିକ କାର୍ଯ୍ୟ**
ଇ-ଟେଣ୍ଡର ବିଜ୍ଞପ୍ତି ସଂ. VSKP-EL-C-T-130ER
ତା.29.03.2019ରିଖ

**କାର୍ଯ୍ୟର ନାମ :** "ପୂର୍ବ ତଟ ରେଳପଥର ୱାଲ୍ଟିୟର ମଣ୍ଡଳରେ କୋରପୁଟ-ସିଙ୍ଗାପୁର ରୋଡ଼ ମଧ୍ୟରେ ଦୋହରୀକରଣ ସମ୍ବନ୍ଧୀୟ ଜୁମରିପୁଟ-ବାଇଗୁଡ଼ା ସେକ୍ସନ ମଧ୍ୟରେ ସବ୍-ସେକ୍ସନିଙ୍ଗ୍ ଏବଂ ପାରାଲେଲିଙ୍ଗ୍ ପୋଷ୍ଟ (SSP) (ନୂଆ = 02 ଗୋଟି, ବୃଦ୍ଧିକରଣ = 01 ଗୋଟି), ସେକ୍ସନିଙ୍ଗ୍ ପୋଷ୍ଟ (ବୃଦ୍ଧିକରଣ = 01 ଗୋଟି) ର ଡିଜାଇନ୍ (Design), ଯୋଗାଣ, ଉତ୍ଥାପନ, ରୂପାନ୍ତରଣ, ପରୀକ୍ଷଣ ଏବଂ ସମ୍ପାଦନ (Commissioning) ତଥା ସଂପର୍କିତ PSI କାର୍ଯ୍ୟ ।"

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 313.21 ଲକ୍ଷ, EMD (ଟଙ୍କାରେ) : 3,06,600/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 11,800/-, କାର୍ଯ୍ୟ ଶେଷ ହେବା ଅବଧି : 08 (ଆଠ) ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା. 24.04.2019 ରିଖ 1200 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ଖୋଲାଯିବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ଉପ-ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ (ନିର୍ମାଣ),
PR-02/CC/19-20 ବିଶାଖାପାଟଣା

## ସଂକ୍ଷେପରେ

### ଶଙ୍ଖ ଧରିଲେ ସୀତାରାମ



ପୁରୁଷୋତ୍ତମପୁର,୨।୪(ଡି.ଏନ୍.ଏ.)- ପୁରୁଷୋତ୍ତମପୁର ବ୍ଲକ ଯୁବନେତା ତଥା ପ୍ରଦେଶ କଂଗ୍ରେସ କମିଟି ସଭ୍ୟ ସୀତାରାମ ପାଣିଗ୍ରାହୀ ସୋମବାର ସନ୍ଧ୍ୟାରେ କଂଗ୍ରେସ ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେବାପରେ ମଙ୍ଗଳବାର ଶଙ୍ଖ ଧରିଛନ୍ତି। ନବୀନ ନିବାସ ଯାଇ ଦଳୀୟ ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ବହୁ ସମର୍ଥକଙ୍କ ସହ ସୀତାରାମ ବିଜେଡିରେ ଯୋଗ ଦେଇଛନ୍ତି। ଏହି ଅବସରରେ ଖଲ୍ଲିକୋଟ ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ସୂର୍ଯ୍ୟମଣି ବୈଦ୍ୟ, କବିସୂର୍ଯ୍ୟନଗର ନିର୍ବାଚନମଣ୍ଡଳୀର ବିଧାୟିକା ପ୍ରାର୍ଥୀ ଲତିକା ପ୍ରଧାନ, ପୁରୁଷୋତ୍ତମପୁର ବ୍ଲକ ବିଜେଡି ସଭାପତି ଦିଗାମ୍ବର ପାଣିଗ୍ରାହୀ, ବିଜେଡି ନେତା ଦୈତାରୀ ବେହେରାଙ୍କ ସମେତ ବହୁ ବରିଷ୍ଠ ନେତା ଉପସ୍ଥିତ ଥିଲେ। କବିସୂର୍ଯ୍ୟନଗର ବିଧାୟିକା ଭି. ସୁଜ୍ଞାନ କୁମାରୀ ଦେଓଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସୀତାରାମ ବିଜେଡିରେ ଯୋଗ ଦେଇଥିବା କହିଛନ୍ତି। ସୀତାରାମଙ୍କ ବିଜେଡିରେ ଯୋଗଦାନ ଅଞ୍ଚଳରେ ଦଳକୁ ମଜଭୁତ କରିବ ବୋଲି ବ୍ଲକ ବିଜେଡି ସଭାପତି ପାଣିଗ୍ରାହୀ କହିଛନ୍ତି।

### ଗୋପାଳପୁର ପୋଲିସର ଫ୍ଲାଗ୍‌ମାର୍ଚ୍ଚ

ଗୋପାଳପୁର,୨।୪-ସାଧାରଣ ନିର୍ବାଚନରେ ଶୃଙ୍ଖଳା ବଜାୟ ରହିବ ନେଇ ଗୋପାଳପୁର ଥାନା ପୋଲିସ ପକ୍ଷରୁ ୫ଟି ଗ୍ରାମରେ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ଗ୍ରାମଗୁଡ଼ିକରେ ବିଭିନ୍ନ ଦଳର ପ୍ରଚାର ଜମିଥିବା ବେଳେ ଗୋପାଳପୁର ଥାନାଧିକାରୀ ବିବେକାନନ୍ଦ ମହନ୍ତଙ୍କ ନେତୃତ୍ୱରେ ସିଆଇଏସ୍‌ଏଫ୍ ଯବାନମାନେ ବଡ଼କୁସ୍ତଳି, ସାନକୁସ୍ତଳି, ଆମ୍ବପୁଆ, ବଡ଼ଗୁମୁଳା ଓ ପଲ୍ଲୀଗୁମୁଳାରେ ଫ୍ଲାଗ୍‌ମାର୍ଚ୍ଚ କରିଥିଲେ। ଗ୍ରାମରେ କୌଣସି ଅସାମାଜିକ କାର୍ଯ୍ୟ ଓ ଅପରାଧ ଖବର ପାଇଲେ ପୋଲିସକୁ ସୂଚନା ଦେବା ପାଇଁ ଥାନାଧିକାରୀ ମହନ୍ତ କହିଛନ୍ତି ।



### ସଙ୍କୁଳସ୍ତରୀୟ ସାମୂହିକ ଆଚାର୍ଯ୍ୟ ପ୍ରଶିକ୍ଷଣ ଶିବିର

ଛତ୍ରପୁର,୨।୪(ଡି.ଏନ.ଏ)-ଛତ୍ରପୁର ଶ୍ରୀରାମନଗରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଛତ୍ରପୁର ସଙ୍କୁଳସ୍ତରୀୟ ସାମୂହିକ ଆଚାର୍ଯ୍ୟ ପ୍ରଶିକ୍ଷଣ ଶିବିର ଉଦଘାଟିତ ହୋଇଯାଇଛି। ଶିବିରରେ ପରିଚାଳନା କମିଟିର ସଭାପତି ରଜନୀକାନ୍ତ ପଟ୍ଟନାୟକ ଅଧକ୍ଷତା କରିଥିଲେ । ଶ୍ରୀଧର ଦାଶ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଏହାର ଶୁଭାରମ୍ଭ କରିଥିଲେ । ସଙ୍କୁଳ ସଂଯୋଜକ ମହେଶ୍ୱର ସ୍ୱାଇଁ ଅତିଥି ପରିଚୟ ଓ ସ୍ୱାଗତ ସମ୍ଭାଷଣ ଦେଇଥିଲେ । ଛତ୍ରପୁର ସଙ୍କୁଳ ପ୍ରମୁଖ ପଞ୍ଚୁ ବେହେରା ଯୋଗ ଦେଇ ଶୃଙ୍ଖଳା ଓ ସଂସ୍କାର ଉପରେ ଆଲୋକପାତ କରିଥିଲେ । ଅନୁଷ୍ଠାନର ସମ୍ପାଦକ ଟି. ଭେଙ୍କଟ କ୍ରିଷ୍ଣାୟା, କୋଷାଧକ୍ଷ ଏ. ରାବଣା ରାଓ, ଯୁଗ୍ମ ସମ୍ପାଦକ ପ୍ରଶାନ୍ତ କୁମାର ପାଢୀ ପ୍ରମୁଖ ଉପସ୍ଥିତ ଥିଲେ । ଶିବିରରେ ଛତ୍ରପୁର ସଙ୍କୁଳ ଶିଶୁ ମନ୍ଦିରର ୧୧୮ ଗୁରୁମା, ଗୁରୁଜୀ ପ୍ରଶିକ୍ଷଣ ନେଉଛନ୍ତି। ଗୁରୁବାର ପର୍ଯ୍ୟନ୍ତ ଏହି ଶିବିର ଚାଲିବ।

# ପିଙ୍କ୍ ବୁଥ୍‌ରେ ମହିଳା ପୋଲିଂ, ପ୍ରିଜାଇଡିଂ ଅଫିସର

## ସାଧାରଣ ନିର୍ବାଚନ

ଛତ୍ରପୁର,୨।୪(ଡି.ଏନ.ଏ)

ଗଞ୍ଜାମ ଜିଲାରେ ଦୁଇଟି ପର୍ଯ୍ୟାୟରେ ସାଧାରଣ ନିର୍ବାଚନ ହେବ। ଜିଲାରେ ୧୩ ବିଧାନସଭା ନିର୍ବାଚନ ମଣ୍ଡଳୀ ରହିଛି। ପ୍ରତି ନିର୍ବାଚନମଣ୍ଡଳୀରେ ଗୋଟିଏ ଲେଖାଏ ପିଙ୍କ୍ ବୁଥ୍ ରହିବ। ଉକ୍ତ ବୁଥରେ କେବଳ ମହିଳା ପ୍ରିଜାଇଡିଂ ଅଫିସର ଓ ପୋଲିଂ ଅଫିସର ରହିବେ। ପ୍ରତି ବୁଥ୍‌ରେ ଜଣେ ମହିଳା ପ୍ରିଜାଇଡିଂ ଅଫିସର ଓ ୫ ଟି ପୋଲିଂ ଅଫିସରଙ୍କୁ ନିଯୁକ୍ତି ଦିଆଯାଇଛି। ଭୋଟ ଦେବା ପାଇଁ ମହିଳା ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ଏହି ବ୍ୟବସ୍ଥା ହୋଇଛି।
ମିଳିଥିବା ସୂଚନା ଅନୁସାରେ ପୋଲସରା ବିଧାନସଭା ନିର୍ବାଚନମଣ୍ଡଳୀର ସେକେଣ୍ଡାରୀ ଟ୍ରେନିଂ ସ୍କୁଲରେ ଥିବା ୨୦୭ ନଂ.ବୁଥ୍ , କବିସୂର୍ଯ୍ୟନଗର ନିର୍ବାଚନମଣ୍ଡଳୀର କୋଦାଳା ଉଚ୍ଚ ପ୍ରାଥମିକ ସ୍କୁଲରେ ଥିବା ୨୦୬ ନଂ. ବୁଥ୍, ଖଲ୍ଲିକୋଟ ନିର୍ବାଚନମଣ୍ଡଳୀର ଖଲ୍ଲିକୋଟ ଆଭାସ ନୋଡାଲ ଉଚ୍ଚପ୍ରାଥମିକ ସ୍କୁଲରେ ଥିବା ୮୨ନଂ. ବୁଥ୍, ଛତ୍ରପୁର ଏକ୍ସ ବୋର୍ଡ ପ୍ରାଥମିକ ସ୍କୁଲରେ ଥିବା ୧୨୦ନଂ. ବୁଥ୍ ପିଙ୍କ ବୁଥ୍ ହୋଇଛି। ସେହିପରି ହିଞ୍ଜିଳି ଏନଏସି ସ୍ଥିତ ହାଇସ୍କୁଲରେ ଥିବା ୧୨୪ ନଂ. ବୁଥ୍, ବ୍ରହ୍ମପୁରର ଆସିକା ରୋଡ୍ ସରକାରୀ ମ୍ୟୁନିସିପାଲିଟି ବାଳିକା ହାଇସ୍କୁଲର ୨୧ ନଂ. ବୁଥ୍, ସାନଖେମୁଣ୍ଡିର ମହାନାଳା ଉଚ୍ଚପ୍ରାଥମିକ ସ୍କୁଲର ୨୦୬ ନଂ ବୁଥ୍, ଗୋପାଳପୁରର ରଙ୍ଗେଇଲୁଣ୍ଡା (ଭଞ୍ଜବିହାର)ର ୯୧ନଂ. ବୁଥ୍, ଦିଗପହଣ୍ଡିର ଆଙ୍କରଡା ଉଚ୍ଚପ୍ରାଥମିକ ସ୍କୁଲର ୫୧ ନଂ. ବୁଥ୍, ଚିକିଟିର ଚିକିଟି ଗଡ ଜର୍ଜ ପ୍ରାଥମିକ ସ୍କୁଲର ୭୨ନଂ. ବୁଥ୍, ଭଞ୍ଜନଗରର ୟୁ ବି ହାଇସ୍କୁଲର ୧୩୩ ନଂ ବୁଥ୍, ଆସିକାର ସରକାରୀ ବାଳିକା ହାଇସ୍କୁଲର ୧୫୬ ନଂ. ବୁଥ୍ ଓ ସୋରଡା ବିଧାନସଭା ନିର୍ବାଚନମଣ୍ଡଳୀର ବେଲଗୁଣ୍ଠା ପଟେଲ ରୋଡ୍‌ର ୮୪ନଂ. ବୁଥ୍‌କୁ ପିଙ୍କ୍ ବୁଥ୍ କରାଯାଇଛି।

### ଛତ୍ରପୁର ନିର୍ବାଚନମଣ୍ଡଳୀରେ ୧୦ ମଡେଲ ବୁଥ୍

ଜିଲାର ପ୍ରତି ବିଧାନସଭା ନିର୍ବାଚନ ମଣ୍ଡଳୀରେ ୧୦ଟି ଲେଖାଏ ମଡେଲ ବୁଥ୍ କରାଯିବ। ଏହି ବୁଥ୍‌କୁ ଭୋଟ ଦେବାକୁ ଆସିବାକୁ ଥିବା ଭୋଟରମାନଙ୍କୁ ସ୍ୱାଗତ କରାଯିବା ସହ ଅନ୍ୟାନ୍ୟ ସୁବିଧା ରହିବ। ବିଭିନ୍ନ ବ୍ୟାଙ୍କ ସହାୟତାରେ ବୁଥ୍ ଗୁଡିକୁ ମଡେଲ ବୁଥ୍ କରାଯିବ। ଏହି ପରିପ୍ରେକ୍ଷୀରେ ଛତ୍ରପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ୧୦ଟି ମଡେଲ ବୁଥ୍ ରହିବ। ସେଥିମଧ୍ୟରେ ଛତ୍ରପୁର ଓ ଗଞ୍ଜାମରେ ୧୦ଟି ଲେଖାଏ ମଡେଲ ବୁଥ୍ ରହିଛି। ଛତ୍ରପୁର ଅଗସ୍ତିନୂଆଗାଁର ୧୩୫ନଂ ବୁଥ୍, ଟାକିରିଆ ବ୍ରହ୍ମପୁରର ୧୦୬ ନଂ ବୁଥ୍, କାଳିଆବାଲିର ୭୭ ନଂ ବୁଥ୍, ଗେଦଲପଲ୍ଲୀର ୬୮ନଂ ବୁଥ୍, ଚନ୍ଦ୍ରପଦାର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ସ୍କୁଲର ୯୮ ନଂ ବୁଥ୍ ଏବଂ ଗଞ୍ଜାମର ହୁମ୍ମା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ସ୍କୁଲ (ଏକ୍ସବୋର୍ଡ)ର ୨୨୫ ନଂ ବୁଥ୍, ଗଞ୍ଜାମର ଭାରତୀ ବିଦ୍ୟାପୀଠର ୧୫୫ ନଂ ବୁଥ୍, ରମ୍ଭା ଉଚ୍ଚପ୍ରାଥମିକ ସ୍କୁଲର ୨୧୦ନଂ ବୁଥ୍, ଜୟଶ୍ରୀ ଉଚ୍ଚପ୍ରାଥମିକ ସ୍କୁଲର ୧୬୦ନଂ ବୁଥ୍ ଓ ଗଞ୍ଜାମ ନୋଡାଲ ଉଚ୍ଚପ୍ରାଥମିକ ସ୍କୁଲର ୧୫୨ନଂ ବୁଥ୍ ମଡେଲ ବୁଥ ହୋଇଛି।

# ଏକାଠି ହେଲେ କଂଗ୍ରେସ ନେତା



ପଦଯାତ୍ରାରେ ସାମିଲ ହୋଇଥିବା ପ୍ରାର୍ଥୀ ସଞ୍ଜୟ ତ୍ରିପାଠୀ ଓ ଅନ୍ୟମାନେ ।

ଭଞ୍ଜନଗର,୨।୪(ଡି.ଏନ.ଏ.)

ସଙ୍ଗଠନକୁ ସୁଦୃଢ଼ କରିବା ସହ ଦଳୀୟ ପ୍ରାର୍ଥୀଙ୍କୁ ବିଜୟୀ କରିବା ପାଇଁ ଭଞ୍ଜନଗର ନିର୍ବାଚନମଣ୍ଡଳୀର କଂଗ୍ରେସ ନେତାମାନେ ଏକାଠି ହୋଇଛନ୍ତି। ମଙ୍ଗଳବାର ସକାଳେ ନେତାମାନେ ଜାମପଲ୍ଲୀ ମନ୍ଦିର ନିକଟରୁ ବାଇକ୍ ରାଲିରେ ବାହାରି ନିର୍ବାଚନମଣ୍ଡଳୀର ବିଭିନ୍ନ ଗ୍ରାମ ପରିକ୍ରମା କରିଥିଲେ। ଏଥିସହ ବିଭିନ୍ନ ଗ୍ରାମରେ ପଦଯାତ୍ରା ମଧ୍ୟ କରିଥିଲେ। ଭଞ୍ଜନଗର ବିଧାନସଭା ଆସନ ଲାଗି ପ୍ରାର୍ଥୀ ହୋଇଥିବା ସଞ୍ଜୟ କୁମାର ତ୍ରିପାଠୀ, ପିସିସି ସଭ୍ୟ ଦେବୀ ବିଷୋୟୀ, ପୂର୍ବତନ ଜଗନ୍ନାଥପ୍ରସାଦ ବ୍ଲକ କଂଗ୍ରେସ ସଭାପତି ବିଦ୍ୟାଧର ପ୍ରଧାନ, ପୂର୍ବତନ ଭଞ୍ଜନଗର ବ୍ଲକ କଂଗ୍ରେସ ସଭାପତି ଅଯୋଧ୍ୟାନାଥ ମହାପାତ୍ର, ବରିଷ୍ଠ ଆଇନଜୀବୀ ରବୀନ୍ଦ୍ର ଦାସ, ମଣି ଦିକ୍ଷୀତ, ନଗର କଂଗ୍ରେସ ସଭାପତି ଲକ୍ଷ୍ମୀକାନ୍ତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବତନ କଂଗ୍ରେସ ବିଧାୟକ ପ୍ରାର୍ଥୀ ଦେବୀ ବିଷୋୟୀ କହିଛନ୍ତି ଯେ, ଦଳକୁ ମଜଭୁତ୍ କରିବା ପାଇଁ ପଦକ୍ଷେପ ନିଆଯାଇଛି । ସମସ୍ତେ ଏକାଠି ଅଛୁ । ପୂର୍ବ ଅପେକ୍ଷା ଦଳ ବହୁତ ଭଲ ପ୍ରଦର୍ଶନ କରିବ ।

# ଭୂମି, ଗୃହହୀନଙ୍କୁ ଜମି ପ୍ରଦାନ ଦାବି



ଦାବିପତ୍ର ଦେବାକୁ ଆସିଥିବା ଚମାଖଣ୍ଡି ବାସୀ ।

ଛତ୍ରପୁର,୨।୪(ଡି.ଏନ.ଏ)

ଚମାଖଣ୍ଡି ଗାଁର ବାସହୀନ ଓ ଜମିହୀନ ପରିବାରକୁ ଘର ନିର୍ମାଣ ପାଇଁ ଚମାଖଣ୍ଡି ଛକସ୍ଥିତ ସରକାରୀ ଜମି ଯୋଗାଇ ଦେବାକୁ ଗାଁ କମିଟି ପକ୍ଷରୁ ଦାବି ହୋଇଛି। ମଙ୍ଗଳବାର ଗାଁ କମିଟି କର୍ମକର୍ତ୍ତାଙ୍କ ନେତୃତ୍ୱରେ ଶତାଧିକ ମହିଳା ଓ ପୁରୁଷ ଛତ୍ରପୁର ଆସି ଉପଜିଲାପାଳଙ୍କ ଅନୁପସ୍ଥିତିରେ ଆସିଷ୍ଟାଣ୍ଟ କଲେକ୍ଟରଙ୍କୁ ଦାବିପତ୍ର ଦେଇଛନ୍ତି। ଚମାଖଣ୍ଡି ଗାଁ କମିଟିର କହିବା ଅନୁଯାୟୀ, ଏହି ପରିବାରଗୁଡିକ ଭୂମିହୀନ, ଗୃହହୀନ ଓ ଗରିବ ଶ୍ରେଣୀର । ଗୋପାଳପୁର ଇସ୍ପାତ ପ୍ରକଳ୍ପ ପାଇଁ ଏହି ଗାଁର ଲୋକେ ଜମି ହରାଇଥିଲେ । ଚାଷ ଜମି ଅଧିଗ୍ରହଣ ହେବା ପରଠାରୁ ଏମାନେ ମୂଲ ଲାଗି ଶ୍ରମିକ କାମ କରି ପରିବାର ଚଳାଉଛନ୍ତି। ସେମାନଙ୍କୁ ଘରଭଡ଼ା ନେଇ ରହିବାକୁ ପଡୁଛି। ଚମାଖଣ୍ଡି ମୌଜା ଚମାଖଣ୍ଡି ଛକସ୍ଥିତ ସରକାରୀ ଜମି ଏମାନଙ୍କ ଦଖଲରେ ଥିଲା। ପରବର୍ତ୍ତୀ ସମୟରେ ଏହି ଜମିରେ ବିଭିନ୍ନ ଗାଁରୁ ଆସି ଲୋକେ ଘର କରି ରହିଛନ୍ତି। ସେମାନଙ୍କ ମଧ୍ୟରୁ କେତେଜଣଙ୍କୁ ଇନ୍ଦିରା ଆବାସ ନିର୍ମାଣ ପାଇଁ ଅନୁଦାନ ମିଳିଛି । ଅନ୍ୟପକ୍ଷରେ ଚମାଖଣ୍ଡି ଗାଁର ଗୃହହୀନ ଓ ଜମିହୀନ ଲୋକଙ୍କୁ ଉକ୍ତ ଜମି ପ୍ରଦାନ ପାଇଁ ଗାଁ କମିଟି ପକ୍ଷରୁ ଅନୁରୋଧ କରାଯାଇଛି। ଜମି ପ୍ରଦାନ ପାଇଁ ଉକ୍ତ ଗୃହହୀନ ଓ ଜମିହୀନ ମାନେ ଆବେଦନ କରିଛନ୍ତି। ପ୍ରକୃତ ଯୋଗ୍ୟ ହିତାଧିକାରୀ ଚୟନ କରି ଉକ୍ତ ସରକାରୀ ଜମିରେ ବାସଗୃହ ପାଇଁ ଜମି ଯୋଗାଇଦେବାକୁ ଅନୁରୋଧ କରାଯାଇଛି।

## ବିଦ୍ୟୁତ୍ କାଟରେ ଲୋକେ ଅତିଷ୍ଠ

ମୋହନା,୨।୪(ଡି.ଏନ.ଏ.)

ଗଜପତି ଜିଲା ମୋହନା ବ୍ଲକ ଓ କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକର ବ୍ରାହ୍ମଣୀଗାଁ ଆଦି ଅଞ୍ଚଳରେ ଗ୍ରୀଷ୍ମ ପ୍ରବାହ ବଢୁଥିବା ବେଳେ ଘନଘନ ବିଦ୍ୟୁତ୍ କାଟ୍ ଜନସାଧାରଣଙ୍କୁ ଅତିଷ୍ଠ କରିଛି। ଗ୍ରୀଷ୍ମପ୍ରବାହକୁ ଆଖି ଆଗରେ ରଖି ବିଦ୍ୟୁତ୍‌କାଟ୍ କରା ନ ଯିବା ପାଇଁ ପ୍ରଶାସନ ପକ୍ଷରୁ କୁହାଯାଇଥିଲା। ତଥାପି ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ୍‌କାଟ ହେଉଛି। ଫଳରେ ବ୍ରାହ୍ମଣୀଗାଁ, ପାଣିଗଣ୍ଡା, କଟାମା, ଗର୍ଡ଼ମା, ଗଦାପୁର, ତାଜୁଙ୍ଗି, ଝିରିଗୁଡ଼ା, କୁମ୍ଭାରୀଗାଁ, କାଟିଙ୍ଗା, ଅଡ଼ବା, ମୋହନା, ଲୁହାଗୁଡ଼ି, ଚାନ୍ଦିପୁଟ, ଚନ୍ଦ୍ରଗିରି ଆଦି ଅଞ୍ଚଳରେ ବ୍ୟାଙ୍କ ଓ ସରକାରୀ, ବେସରକାରୀ କାର୍ଯ୍ୟରେ ନାହିଁ ନ ଥିବା ଅସୁବିଧା ଦେଖାଦେଉଛି। ଏପରିକି ୩ ଦିନ ହେଲା ବ୍ରାହ୍ମଣୀଗାଁ ଓ ପାଣିଗଣ୍ଡା ଅଞ୍ଚଳରେ ସକାଳ ୮ରୁ ରାତି ୧୧ଟା ପର୍ଯ୍ୟନ୍ତ ବିଦ୍ୟୁତ୍‌କାଟ ହେଉଥିବା ଦେଖିବାକୁ ମିଳୁଛି।

# ବାର୍ ଆସୋସିଏଶନ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ



ନବ ନିର୍ବାଚିତ କର୍ମକର୍ତ୍ତା ।

ଭଞ୍ଜନଗର,୨।୪(ଡି.ଏନ.ଏ)

ନବ ନିର୍ବାଚିତ ଭଞ୍ଜନଗର ବାର୍ ଆସୋସିଏଶନ କର୍ମକର୍ତ୍ତା ମଙ୍ଗଳବାର ଶପଥ ନେଇଛନ୍ତି। ଏଥିଲାଗି ବାର୍ କାର୍ଯ୍ୟାଳୟ ପରିସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ନିର୍ବାଚନ ଅଧିକାରୀ ଲଡ୍ଡୁ କିଶୋର ଆଳତିଆ, ରମେଶ ପଣ୍ଡା, ବିମ୍ବାଧର ଷଡ଼ଙ୍ଗୀ ଶପଥ ପାଠ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ୩୧ରେ ହୋଇଥିବା ନିର୍ବାଚନରେ ସଭାପତି ଭାବେ ଅଭିମନ୍ୟୁ ଗୌଡ଼, ସମ୍ପାଦକ ଅଶୋକ ଜେନା, ଉପ ସଭାପତି ଜ୍ୟୋତିରାଜ ପତି, ସହ ସମ୍ପାଦକ ଆଶିଷ କୁମାର ପ୍ରଧାନ, କୋଷାଧକ୍ଷ ସୁନନ୍ଦ ତ୍ରିପାଠୀ, ଲାଇବ୍ରେରୀ ସମ୍ପାଦକ ଭାବେ ଜନାର୍ଦ୍ଦନ ପ୍ରଧାନ ନିର୍ବାଚିତ ହୋଇଥିଲେ। ସେହିପରି କାର୍ଯ୍ୟକାରୀ କମିଟିକୁ ସୁଧାଂଶୁବାଳା ପଟ୍ଟନାୟକ, ଛବିଲାଲ ପୃଷ୍ଟି, ଅଜୟ କୁମାର ପ୍ରଧାନ ନିର୍ବାଚିତ ହୋଇଥିଲେ ।

# ବାର୍‌ହା ଆକ୍ରମଣରେ ୨ ମହିଳା ଆହତ

ଭଞ୍ଜନଗର,୨।୪(ଡି.ଏନ.ଏ.)

ବାର୍‌ହା ଆକ୍ରମଣରେ ଗତ ଦୁଇ ଦିନରେ ୨ ମହିଳା ଆହତ ହୋଇ ଭଞ୍ଜନଗର ଡାକ୍ତରଖାନାରେ ଚିକିତ୍ସିତ ହୋଇଛି। ଭଞ୍ଜନଗର କେନ୍ଦ୍ରୀୟ ବନାଞ୍ଚଳ ଅନ୍ତର୍ଗତ ଲୁଣିପଡ଼ା ଶାସନ ଗ୍ରାମର ସତ୍ୟଭାମା ଗୌଡ଼ ମଙ୍ଗଳବାର ସକାଳେ ପୋଖରୀକୁ ଗାଧୋଇ ଯାଉଥିବା ବେଳେ ବାର୍‌ହା ହାବୁଡ଼ରେ ପଡ଼ିଥିଲେ। ବାର୍‌ହା ଆକ୍ରମଣ କରିବାରୁ ସେ ଗୁରୁତର ଆହତ ହୋଇଥିଲେ। ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ଭଞ୍ଜନଗର ହସ୍ପିଟାଲକୁ ନେଇଥିଲେ। ସେହିପରି ସୋମବାର ଅପରାହ୍ନରେ ମୁଜାଗଡ଼ ବନାଞ୍ଚଳ ଅନ୍ତର୍ଗତ ଏକ ଗ୍ରାମରେ ପୋଷା ଯାଇଥିବା ଏକ ବାର୍‌ହା ଆକ୍ରମଣରେ ଜଣେ ଗର୍ଭବତୀ ମହିଳା ଆହତ ହୋଇଥିଲେ। ମହିଳା ଜଣଙ୍କ ଭଞ୍ଜନଗର ହସ୍ପିଟାଲରେ ଚିକିତ୍ସିତ ହୋଇ ଘରକୁ ଫେରିଛନ୍ତି। ଏ ନେଇ ବନ ବିଭାଗ ପାଖରେ କୌଣସି ଖବର ନାହିଁ ।

## ବାଉଳିଆରେ ବିଶ୍ୱଶାନ୍ତି ପଞ୍ଚକୁଣ୍ଡୀୟ ଯଜ୍ଞ

ପାତ୍ରପୁର,୨।୪(ଡି.ଏନ୍.ଏ.)

ପାତ୍ରପୁର ବ୍ଲକ ବାଉଳିଆସ୍ଥିତ ମା' ବ୍ରାହ୍ମଣ ଦେବୀଙ୍କ ପୀଠରେ ସୋମବାରଠାରୁ ବିଶ୍ୱଶାନ୍ତି ପଞ୍ଚକୁଣ୍ଡୀୟ ଯଜ୍ଞ ଓ ଅମ୍ବା ପଞ୍ଚାୟତରେ ଯଜ୍ଞ ଆରମ୍ଭ ହୋଇଯାଇଛି। ଆସନ୍ତା ଶନିବାର ଏହାର ପୂର୍ଣ୍ଣାହୁତି ହେବ। ପ୍ରଥମ ଦିବସରେ ମଣ୍ଡାଳାଧିବାସ, ଅଙ୍କୁରାରୋପଣ ଅନୁଷ୍ଠିତ ହୋଇଥିଲା। ମଙ୍ଗଳବାର ସମାସିଙ୍ଗି ଶାସନସ୍ଥିତ ବାରୁଣିଘାଟରୁ ଶତାଧିକ ମହିଳା ଓ ପୁରୁଷ କଳସ ଯାତ୍ରାରେ ବାହାରି ଜଳ ସଂଗ୍ରହ କରି ଯଜ୍ଞସ୍ଥଳକୁ ଆଣିଥିଲେ। ପରେ ଦୀକ୍ଷାଗ୍ରହଣ, ଅଙ୍କୁରାରୋପଣ, ବ୍ରାହ୍ମଣବରଣ, ସାଲା ସଂସ୍କାର, ନାମଯଜ୍ଞ, ଘୃତଯଜ୍ଞ, ଅନ୍ନଯଜ୍ଞ ହୋଇଥିଲା। ଏଥିରେ ପୁରୋହିତଭାବେ ପଣ୍ଡିତ ଅଶୋକ କୁମାର ପାଢ଼ୀ, ଲଡ୍ଡୁ କିଶୋର ପଣ୍ଡା ଯଜ୍ଞକର୍ମ କରୁଥିବାବେଳେ ଗ୍ରାମବାସୀ ସହଯୋଗ କରୁଛନ୍ତି।

# ଭୀଷ୍ମଗିରିରେ ସପ୍ତଦଣ୍ଡ ମେଳଣ ପାଇଁ ପ୍ରସ୍ତୁତି

ଦିଗପହଣ୍ଡି,୨।୪(ଡି.ଏନ.ଏ.)

ଦିଗପହଣ୍ଡି ବ୍ଲକ ଭୀଷ୍ମଗିରି ଗ୍ରାମରେ ମା' ଦଣ୍ଡକାଳୀଙ୍କ ପୂଜାର୍ଚ୍ଚନା ସହ ସପ୍ତଦଣ୍ଡ ମେଳଣ ପାଇଁ ପ୍ରସ୍ତୁତି ସଭା ସରପଞ୍ଚ ପୀତାମ୍ବର ଗୌଡ଼ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସମସ୍ତ ସାହି ମୁଖିଆ, ୱାର୍ଡସଭ୍ୟ ଏବଂ ଗ୍ରାମର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ସୋମବାର ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମକୁ ସଫଳ କରାଯିବା ନିମନ୍ତେ କମିଟି ଗଠନ କରାଯାଇଥିଲା। ଗ୍ରାମର ଗୋପବନ୍ଧୁ ନଗର ସାହିରେ ତିତିଖଣ୍ଡି ଗ୍ରାମର ଦଣ୍ଡନୃତ୍ୟ ଦଳ ସେମାନଙ୍କ କଳା ନୈପୁଣ୍ୟ ପ୍ରଦର୍ଶନ କରିବେ। ଉଦୟ ନାରାୟଣ ସାହିରେ ପଟିଗୁଡ଼ା ଗ୍ରାମର ଦଣ୍ଡନୃତ୍ୟ ଦଳ, ବଡ଼ଦାଣ୍ଡ ସାହିରେ ଭାଲିଆଝୋଳାର ଦଣ୍ଡ ନୃତ୍ୟ ଦଳ, ବଳରାମନଗର ସାହିରେ ବାବନପୁର ଦଣ୍ଡନୃତ୍ୟ ଦଳ, ଠାକୁରାଣୀ ଛକରେ ବି.ତୁରୁବୁଡ଼ି ଗ୍ରାମର ଦଣ୍ଡନୃତ୍ୟ ଦଳ, ରଥଦାଣ୍ଡ ଛକରେ ପଳାସପୁରର ଦଣ୍ଡନୃତ୍ୟ ଓ କଲେଜ ଛକରେ ରୋହିଗାଁ ଦଣ୍ଡନୃତ୍ୟ ଦଳ ସେମାନଙ୍କ ପାରମ୍ପରିକ ଦଣ୍ଡନୃତ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବେ ବୋଲି ସଭାରେ ସର୍ବସମ୍ମତ ନିଷ୍ପତ୍ତି ଗୃହୀତ ହୋଇଛି ।

# ଭଞ୍ଜନଗରରେ ଅଚ୍ୟୁତଙ୍କ ପ୍ରଚାର




ପ୍ରାର୍ଥୀ ଅଚ୍ୟୁତ୍ ସାମନ୍ତ, ବିକ୍ରମ କେଶରୀ ଆରୁଖ ଓ ଅନ୍ୟମାନେ ।

ଭଞ୍ଜନଗର,୨।୪(ଡି.ଏନ.ଏ.)

ଫୁଲବାଣୀ ଲୋକସଭା ଆସନ ଲାଗି ବିଜେଡିରୁ ପ୍ରାର୍ଥୀ ହୋଇଥିବା ଅଚ୍ୟୁତ୍ ସାମନ୍ତ ଓ ଭଞ୍ଜନଗର ବିଧାନସଭା କ୍ଷେତ୍ର ଲାଗି ପ୍ରାର୍ଥୀ ଥିବା ବିକ୍ରମ କେଶରୀ ଆରୁଖ ମଙ୍ଗଳବାର ସନ୍ଧ୍ୟାରେ ଭଞ୍ଜନଗରରେ ପ୍ରଚାର କରିଛନ୍ତି। ସ୍ଥାନୀୟ ବିଜୁସ୍ମୃତିସଂସଦ ଭବନ ପରିସରରେ ଆୟୋଜିତ ଦଳୀୟ କର୍ମୀ ସମ୍ମିଳନୀରେ ଅଚ୍ୟୁତ୍ ଯୋଗଦେଇ ବିଜେଡ଼ି ଏକ ଶୃଙ୍ଖଳିତ ଦଳ ବୋଲି କହିବା ସହ ନିର୍ବାଚନରେ ବିଜୟୀ କରିବାକୁ ସେ ଉପସ୍ଥିତ କର୍ମୀ ଓ ନେତାଙ୍କୁ ନିବେଦନ କରିଥିଲେ। ବ୍ଲକ ବିଜେଡ଼ି ସଭାପତି ରାଜେନ୍ଦ୍ର ପ୍ରସାଦ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବ୍ଲକ ଉପାଧ୍ୟକ୍ଷ ଜିତେନ୍ଦ୍ର କେଶରୀ ଆରୁଖ,ଆଇନଜୀବୀ ଦିବାକର ନାୟକ, ଏମ୍.ତାଜ୍ ଆଦେନୀ, ରାଜା ସାହୁ ପ୍ରମୁଖ ଯୋଗଦେଇ ଏମ୍‌ପି ପ୍ରାର୍ଥୀ ଅଚ୍ୟୁତ ଏବଂ ଭଞ୍ଜନଗର ବିଧାୟକ ପ୍ରାର୍ଥୀ ବିକ୍ରମ କେଶରୀ ଆରୁଖଙ୍କୁ ବିଜୟୀ କରିବା ପାଇଁ ନିବେଦନ କରିଥିଲେ। ପ୍ରାର୍ଥୀ ହେବାପରେ ଭଞ୍ଜନଗରରେ ଅଚ୍ୟୁତ୍‌ଙ୍କ ଏହା ପ୍ରଥମ ପ୍ରଚାର।

## ରାମାଡ଼ି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ

# ୯ ବର୍ଷ ହେଲା ସରୁନି ଶ୍ରେଣୀଗୃହ ନିର୍ମାଣ

ଫୁଲବାଣୀ ଅଫିସ,୨।୪

ଫୁଲବାଣୀ ବ୍ଲକ ଦୁଦୁକି ପଞ୍ଚାୟତ ରାମାଡ଼ି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶ୍ରେଣୀଗୃହ ଅଭାବ ଯୋଗୁ ଛାତ୍ରୀଛାତ୍ରମାନେ ହଇରାଣ ହେଉଛନ୍ତି। ୧ମରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ପିଲା ୨ଟି ଗୃହରେ ପଢୁଛନ୍ତି। ଗୋଟିଏ ଗୃହରେ ୧ମରୁ ୫ମ ଓ ଅନ୍ୟଟିରେ ୬ଷ୍ଠରୁ ୮ମ ଶ୍ରେଣୀ ପିଲା ବସି ପାଠ ପଢୁଛନ୍ତି। ସେହିପରି ଭଙ୍ଗାଘରେ ସ୍କୁଲର ଅଫିସ କାର୍ଯ୍ୟ ଚାଲିଛି। ୨୦୧୧ରୁ ନିର୍ମାଣ ଆରମ୍ଭ ହୋଇଥିବା ନୂତନ ଶ୍ରେଣୀଗୃହ କାମ ଏ ପର୍ଯ୍ୟନ୍ତ ସରୁନାହିଁ । ଗୋଟିଏ ଗୃହରେ ଏକାଧିକ ଶ୍ରେଣୀ ପିଲା ପାଠ ପଢୁଥିବାରୁ ଶିକ୍ଷାଦାନରେ ବାଧା ସୃଷ୍ଟି ହେଉଛି। ତୁରନ୍ତ ଶ୍ରେଣୀଗୃହ ନିର୍ମାଣ ଶେଷ କରିବାକୁ ପ୍ରଧାନଶିକ୍ଷକ ବାରମ୍ବାର ବିଭାଗୀୟ କର୍ତ୍ତୃପକ୍ଷଙ୍କୁ କହି ଆସୁଥିଲେ ସୁଦ୍ଧା ସୁଫଳ ମିଳୁନି। ବିଦ୍ୟାଳୟରେ ମୋଟ ୬୨ ଛାତ୍ରୀଛାତ୍ର ପଢୁଛନ୍ତି। ସେମାନଙ୍କ ମଧ୍ୟରେ ପ୍ରଥମରେ ୨ ଜଣ, ଦ୍ୱିତୀୟରେ ୭, ତୃତୀୟରେ ୭, ଚତୁର୍ଥରେ ୫, ପଞ୍ଚମରେ ୯, ଷଷ୍ଠରେ ୮, ସପ୍ତମରେ ୯ ଓ ଅଷ୍ଟମରେ ୧୫ ଛାତ୍ରୀଛାତ୍ର ଅଛନ୍ତି। ୫ ଶିକ୍ଷୟିତ୍ରୀ ଶିକ୍ଷକ ଶିକ୍ଷାଦାନ କରୁଛନ୍ତି। ପ୍ରଧାନଶିକ୍ଷକ ସୂର୍ଯ୍ୟନାରାୟଣ ମହାକୁଡ କହିଛନ୍ତି, ଏବେ ୬୨ ପିଲା ଅଛନ୍ତି। ନାମଲେଖା ଚାଲିଛି । ଆଗକୁ ଆହୁରି ପିଲା ବଢ଼ିବେ । ଶ୍ରେଣୀ ଗୃହ ଅଭାବ ଏଠାରେ ମୁଖ୍ୟ ସମସ୍ୟା। ୨୦୧୧ରୁ ନୂତନ ଶ୍ରେଣୀଗୃହର ନିର୍ମାଣ ଆରମ୍ଭ ହୋଇଥିଲେ ସୁଦ୍ଧା ତାହା ସରିଲା ନାହିଁ । ଯେଉଁ ଶିକ୍ଷକ ଏହାକୁ କରୁଥିଲେ ତାଙ୍କର ବଦଳି ହୋଇଯାଇଛି । ଯିଏ ଏଗ୍ରିମେଣ୍ଟ କରିଥିଲେ ସେ କରିବା କଥା । ଏବେ ଟଙ୍କା ଉଠାଯାଇପାରୁନି କି କାମ ସମ୍ପୂର୍ଣ୍ଣ ହୋଇପାରୁନି। ଏ ନେଇ ଜିଲା ଶିକ୍ଷାଧିକାରୀ ବିକାଶ ପ୍ରଧାନଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି, ଶ୍ରେଣୀଗୃହ ନିର୍ମାଣରେ କ'ଣ ସମସ୍ୟା ରହିଛି ତାହା ଜାଣିନାହିଁ। ତଦାରଖ ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ।



ଅଧାପନ୍ତରିଆ ଶ୍ରେଣୀଗୃହ ।

# କୁଇନେତା ଲମ୍ବୋଦରଙ୍କୁ ମାଡ଼ ଅଭିଯୋଗ

ଫୁଲବାଣୀ ଅଫିସ, ୨।୪

କୁଇ ସମାଜ ସମନ୍ୱୟ ସମିତି ସାଧାରଣ ସମ୍ପାଦକ ଲମ୍ବୋଦର କହଁରଙ୍କୁ ମାଡ଼ ମରାଯାଇଛି। ବିଜେଡି ନିର୍ବାଚନୀ ଶୋଭାଯାତ୍ରା ମଧ୍ୟରୁ କେହିଜଣେ ବାହାରି ମାଡ଼ ମାରିଛନ୍ତି ବୋଲି ଲମ୍ବୋଦର ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏହି ଘଟଣାର ତଦନ୍ତ ଜାରି ରଖିଛି। ଲମ୍ବୋଦର ଏତଲାରେ ଉଲ୍ଲେଖ କରିଛନ୍ତି ଯେ, ସେ ତାଙ୍କ କାରରେ ତେଲ ପକାଇବା ପାଇଁ ସ୍ତ୍ରୀଙ୍କ ସହ ପେଟ୍ରୋଲ ପମ୍ପକୁ ଆସୁଥିଲେ । ବଜାରର ଏକ ହୋଟେଲ ପାଖରେ ବିଜେଡି ଶୋଭାଯାତ୍ରା ଯୋଗୁ ଭିଡ ହୋଇଥିଲା । ପଛରୁ ଏକ ଆମ୍ବୁଲାନ୍ସ ଆସିବାରୁ ସେ ଗାଡ଼ି ସାଇଡ କରିଥିଲେ । ଆମ୍ବୁଲାନ୍ସ ପଛରେ କାର ନେଇ ପେଟ୍ରୋଲ ଟାଙ୍କିକୁ ଯିବା ବେଳେ ଭିଡ଼ରେ ଫସି ଯାଇଥିଲେ। ଏହି ସମୟରେ ଶୋଭାଯାତ୍ରା ଭିତରୁ ଜଣେ ଆସି ତାଙ୍କ ଗାଡ଼ି ବାଡେଇବା ସହ ଅଶ୍ଳୀଳ ଭାଷାରେ ଗାଳି କରିଥିଲେ । ପରେ ମୁହଁକୁ ମାରି ଗାଡି ଚାବି ନେଇ ଏକ ବାଇକ୍ ପଛରେ ବସି ଚାଲି ଯାଇଥିଲେ ବୋଲି ଲମ୍ବୋଦର ଏତଲାରେ ଉଲ୍ଲେଖ କରିଛନ୍ତି। ଲମ୍ବୋଦର କୁହନ୍ତି, ଭିଡ଼ରେ ଆମ୍ବୁଲାନ୍ସ ଅଟକିବାରୁ ମୋ କାର୍ ଅଟକିଥିଲା। ଲୋକେ ଅଯଥାରେ ଭୁଲ ବୁଝି ଅସନ୍ତୋଷ ପ୍ରକାଶ କଲେ। ଘଟଣାର ୧୫/୨୦ ମିନିଟ ପରେ ଥାନାଧିକାରୀ ଗାଡ଼ି ପାଖକୁ ଆସି ମୋତେ ଚାବି ଦେଲେ । ଚାବି କିଏ ନେଇଥିଲେ ଏବଂ କାହିଁକି ମାରିଲେ ବୋଲି ଥାନାଧିକାରୀଙ୍କୁ ପଚାରିବାରୁ ସେ କିଛି କହି ନ ଥିଲେ। ଏ ନେଇ ଥାନାଧିକାରୀ ସତ୍ୟବ୍ରତ ରାଉତଙ୍କୁ ପଚାରିବାରୁ ସେ କହିଛନ୍ତି, ଘଟଣାର ତଦନ୍ତ ଚାଲିଛି।

## ନବରାତ୍ର ନାମଯଜ୍ଞ ପୂର୍ଣ୍ଣାହୁତି

ବେଗୁନିଆପଡା,୨।୪(ଡି.ଏନ୍.ଏ.)

ବେଗୁନିଆପଡା ବ୍ଲକ ବେଲପଡା ଗ୍ରାମରେ ନବରାତ୍ର ନାମଯଜ୍ଞ ପୂର୍ଣ୍ଣାହୁତି ଓ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗତ ୨୨ ତାରିଖରେ ଅଧିବାସ, ୨୩ ତାରିଖରେ ନାମଯଜ୍ଞ, ଅନ୍ନଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏଥି ସହିତ ରାମଦୋଳି, ମିନାବଜାର ଆଦି କାର୍ଯ୍ୟକ୍ରମର ଦର୍ଶକ ମଜା ଉଠାଇଥିଲେ। ୩୧ ତାରିଖରେ ପୂର୍ଣ୍ଣାହୁତି ହୋଇ ୧ ଏପ୍ରିଲରେ ବିସର୍ଜନ କରାଯାଇଥିଲା। ଏଥିରେ ସମସ୍ତ ଗ୍ରାମବାସୀ ସାମିଲ ହୋଇ ସଂକୀର୍ତ୍ତନ ମଣ୍ଡଳୀ ସହ ଗ୍ରାମ ପରିକ୍ରମା କରିଥିଲେ। ଏହା ପରେ ବିସର୍ଜନ କରି ଯମୁନା ସ୍ନାନ କରିଥିଲେ।

ଧରିତ୍ରୀ
DHARITRI




# ରେଲୱେ କ୍ଷେତ୍ରରେ କେନ୍ଦୁଝରକୁ ଅଣଦେଖା

**କେନ୍ଦୁଝର, ୨।୪(ଡି.ଏନ.ଏ.)**

- ରାଜସ୍ୱ ଆଦାୟ ସତ୍ତ୍ୱେ ହୋଇପାରୁନି ଉନ୍ନତୀକରଣ
- ଦୋହରୀକରଣ କାର୍ଯ୍ୟ ଅଧାପନ୍ତରିଆ
- ସୁବିଧା ସୁଯୋଗରୁ ବଞ୍ଚିତ ଯାତ୍ରୀ

କେନ୍ଦୁଝର ସେକ୍ସନ ଖଣିଜ ପରିବହନରୁ ବାର୍ଷିକ ଆନୁମାନିକ ୬ ଶହ କୋଟିରୁ ଅଧିକ ଟଙ୍କା ପୂର୍ବତଟ ରେଲୱେ ଖୋର୍ଦ୍ଧା ଡିଭିଜନ ପକ୍ଷରୁ ଆୟ କରାଯାଉଛି। ଏହାସତ୍ତ୍ୱେ କେନ୍ଦୁଝର ଜିଲାକୁ ରେଲବାଇ କର୍ତ୍ତୃପକ୍ଷ ବାରମ୍ବାର ଅବହେଳା କରୁଥିବା ଅଭିଯୋଗ ହେଉଛି। ଯଖପୁରା-ବାଂଶପାଣି ରେଳପଥର ଦୋହରୀକରଣ କାର୍ଯ୍ୟ, ଏହି ରେଳପଥ ଦେଇ ଦୂରଗାମୀ ଟ୍ରେନ ଚଳାଚଳ, ଷ୍ଟେଶନଗୁଡିକର ଉନ୍ନତୀକରଣ ଏବଂ ଯାତ୍ରୀଙ୍କ ପାଇଁ ଆବଶ୍ୟକୀୟ ସୁବିଧା ସୁଯୋଗ ପ୍ରତି ରେଲୱେ କର୍ତ୍ତୃପକ୍ଷଙ୍କ ବୈମାତୃକ ମନୋଭାବକୁ ସାଧାରଣରେ ନାପସନ୍ଦ କରାଯାଉଛି। ଯଖପୁରା-ବାଂଶପାଣି ଡବଲଲେନ୍ କାମ ଅନେକ ଜାଗାରେ ଅଧାପନ୍ତରିଆ ହୋଇରହିଛି। ଏଥିପାଇଁ ଆବଶ୍ୟକୀୟ ଆର୍ଥିକ ବ୍ୟବସ୍ଥା ମଧ୍ୟ କରାଯାଉନାହିଁ। ଏହି ରେଳପଥ ଦେଇ ବର୍ତ୍ତମାନ ୩ ଯାତ୍ରୀବାହୀ ଟ୍ରେନ ଚଳାଚଳ କରୁଛି। ଏଥିମଧ୍ୟରୁ ପୁରୀ-କେନ୍ଦୁଝର-ବଡବିଲ-ରାଉରକେଲା ଇଣ୍ଟରସିଟି ଏକ୍ସପ୍ରେସର ବଗି ସଂଖ୍ୟା ବୃଦ୍ଧି କରାଯାଉ ନ ଥିବା ବେଳେ ଟ୍ରେନର ବଗିଗୁଡିକ ସଫା କରାଯାଉନି। ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କେନ୍ଦୁଝରରୁ ଭୁବନେଶ୍ୱର ପର୍ଯ୍ୟନ୍ତ ଏକ ଫାଷ୍ଟ ପାସେଞ୍ଜର ଟ୍ରେନ ପ୍ରତ୍ୟେକ ଦିନ ସକାଳ ୬ଟା ୩୦ରୁ ବାହାରି ଭୁବନେଶ୍ୱରକୁ ଯାଉଛି। ଅଧିକାଂଶ ସମୟରେ ଟ୍ରେନଟି ଧାର୍ଯ୍ୟ ସମୟରୁ ଅନେକ ବିଳମ୍ବରେ ପହଞ୍ଚୁଥିବାରୁ ଯାତ୍ରୀ ଦୁର୍ଦ୍ଦଶା ଭୋଗୁଛନ୍ତି।

ଅନ୍ୟପଟେ କେନ୍ଦୁଝର ଜିଲାର ନୟାଗଡ, ପର୍ଜନପୁର ଓ ଗୁହାଳଡିହି ରେଲୱେ ସାଇଡିଂରୁ ପ୍ରତ୍ୟହ ଖଣିଜ ପରିବହନ କରାଯାଉଥିଲେ ହେଁ ସାଇଡିଂଗୁଡିକର ଉନ୍ନତୀକରଣ କରାଯାଉନାହିଁ। ଏ ନେଇ କେନ୍ଦୁଝର ରେଲୱେ ସେକ୍ସନର କମର୍ସିଆଲ ଇନ୍ସପେକ୍ଟର ଆଲୋକ କୁମାର ଚାନ୍ଦଙ୍କୁ ପଚାରିବାରୁ ଖଣିଜ ପରିବହନରୁ ବାର୍ଷିକ ୬ ଶହ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ରାଜସ୍ୱ ମିଳୁଛି ବୋଲି ସେ କହିଛନ୍ତି। ଜିଲାରେ ରେଳ ସେବାକୁ ଅଧିକ ଗୁରୁତ୍ୱ ଦିଆଯାଉ ନ ଥିବାରୁ ବିଭିନ୍ନ ସମୟରେ ଆନ୍ଦୋଳନ କରାଯାଉଛି। ଯଖପୁରା-ବାଂଶପାଣି ୧୭୯ କି.ମି. ରେଳପଥ ଦୋହରୀକରଣ କାର୍ଯ୍ୟ ୨୦୧୬ରେ ଶେଷ ହେବା ପାଇଁ ଲକ୍ଷ୍ୟଧାର୍ଯ୍ୟ ହୋଇଥିଲା। ୨୦୧୯ ମାର୍ଚ୍ଚ ସୁଦ୍ଧା ଦୋହରୀକରଣ କାର୍ଯ୍ୟ ଶେଷ ହୋଇନି। କାର୍ଯ୍ୟ ଶେଷ ହେଉ ନ ଥିବାରୁ କେନ୍ଦୁଝର ଦେଇ ଯିବାକୁ ଥିବା ଅନେକ ଦୂରଗାମୀ ପ୍ରସ୍ତାବିତ ନୂତନ ଟ୍ରେନ ଚଳାଚଳରେ ମଧ୍ୟ ବିଳମ୍ବ ହେଉଛି। ଦୋହରୀକରଣ କାର୍ଯ୍ୟ ଶେଷ ହେଲେ ଭୁବନେଶ୍ୱର-ଲକ୍ଷ୍ନୌ ଭାୟା କେନ୍ଦୁଝର, ରାଉରକେଲା-ହାଓଡା ଭାୟା କେନ୍ଦୁଝର, ଟାଟାନଗର-ପୁରୀ, ବିଶାଖାପଟନମ୍-ଟାଟାନଗର ଏକ୍ସପ୍ରେସ ଟ୍ରେନକୁ ଦୈନନ୍ଦିନ ଚଳାଚଳ ସହ ଭୁବନେଶ୍ୱର- ନୂଆଦିଲ୍ଲୀ ଟ୍ରେନ ଚଳାଚଳ କରିବା ପାଇଁ ପ୍ରସ୍ତାବ ରହିଛି। ପୂର୍ବତଟ ରେଲବାଇ ଅଧୀନରେ ଥିବା ଶଗଡପଟା-ଟାଙ୍ଗିରିଆପାଳ ଏବଂ ଟାଙ୍ଗିରିଆପାଳ-ଟମକା ସେକ୍ସନ ମଧ୍ୟରେ ଦୁଇଟି ବଡ ବ୍ରିଜ ଦୀର୍ଘ ବର୍ଷ ଧରି ଅଧାପନ୍ତରିଆ ହୋଇ ପଡିରହିଛି। ଦକ୍ଷିଣପୂର୍ବ ରେଳପଥ ଅଧୀନରେ ଥିବା ନୟାଗଡ-ଜ୍ରୁରୁଡି ସେକ୍ସନର ଅନେକ କାମ ଅଧାପନ୍ତରିଆ ହୋଇ ପଡିରହିଛି। ପୋଲ କାମ ଶେଷ ହୋଇନି। ରେଲୱେ ପକ୍ଷରୁ ସମୀକ୍ଷା କରାଯାଉନି। ଟାଙ୍ଗିରିଆପାଳଠାରୁ ନୟାଗଡ ପର୍ଯ୍ୟନ୍ତ ରେଲଲାଇନ୍ ପୂର୍ବତଟ ରେଲବାଇ ଅଧୀନରେ ଥିବାବେଳେ ନୟାଗଡଠାରୁ ଡାଙ୍ଗୁଆପଶି ପର୍ଯ୍ୟନ୍ତ ରେଲୱେ ଷ୍ଟେଶନ ଦକ୍ଷିଣପୂର୍ବ ରେଲବାଇ ଅଧୀନରେ ରହିଛି। ରେଳପଥର ବିକାଶ ସାଙ୍ଗକୁ ନୂତନ ରେଲଷ୍ଟେଶନ ନିର୍ମାଣ, ଯାତ୍ରୀବାହୀ ଟ୍ରେନ୍‌ର ଅଧିକ ବ୍ୟବସ୍ଥା ଓ ଦିଲ୍ଲୀ, ମୁମ୍ବାଇ, କଲିକତା ଆଦି ସ୍ଥାନକୁ ସିଧାସଳଖ ରେଳସୁବିଧା ଲୋକଙ୍କୁ ମିଳିପାରୁନାହିଁ। ଜିଲାକୁ ପ୍ରତ୍ୟେକ ବର୍ଷ ଲକ୍ଷାଧିକ ପର୍ଯ୍ୟଟକ ଆସୁଛନ୍ତି। କେନ୍ଦୁଝରଗଡ ଷ୍ଟେଶନର ଉନ୍ନତୀକରଣ ହେଉନାହିଁ। ଏହି ଷ୍ଟେଶନକୁ 'ସି' କାଟାଗୋରୀ ରେଲୱେ ଷ୍ଟେଶନର ମାନ୍ୟତା ଦିଆଯାଇଥିବାରୁ କେନ୍ଦୁଝରବାସୀ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। କେନ୍ଦୁଝରଗଡ ଷ୍ଟେଶନଠାରେ ରିଜର୍ଭେଶନ କାଉଣ୍ଟର ବ୍ୟବସ୍ଥା ନ ଥିବାବେଳେ ଏଟିଏମ୍ କାଉଣ୍ଟର ମଧ୍ୟ ନାହିଁ। ଏହି ସମସ୍ୟାକୁ କେନ୍ଦ୍ର ସରକାରଙ୍କ ନିକଟରେ ଉତ୍ଥାନ କରିବାରେ ଜିଲାର ରାଜନୈତିକ ପ୍ରତିନିଧିମାନେ ବିଫଳ ହୋଇଛନ୍ତି। ଏଭଳି ପରିସ୍ଥିତିରେ ଯଖପୁରା-ବାଂଶପାଣି ରେଳପଥର ଦୋହରୀକରଣ କାର୍ଯ୍ୟ ସାଙ୍ଗକୁ ଯାତ୍ରୀଙ୍କ ସୁବିଧା ପାଇଁ ଆନୁଷଙ୍ଗିକ ବ୍ୟବସ୍ଥା ପ୍ରତିଧାନ ଦିଆଯିବାକୁ ସାଧାରଣରେ ଦାବି ହେଉଛି।


ଅଧାପନ୍ତରିଆ ହୋଇପଡ଼ିଥିବା ଏକ ବ୍ରିଜ୍।

## ସଂକ୍ଷେପରେ

### ରେଲିଂ ଲଗା କାର୍ଯ୍ୟ ଅଧାପନ୍ତରିଆ

### ଧାରଣା ଚେତାବନୀ ଦେଲେ ଖଇରା ସରପଞ୍ଚ


ବଜାର ମଝିରେ ରେଲିଂ ଲଗାଯିବା କାର୍ଯ୍ୟକୁ ଅସମ୍ପୂର୍ଣ୍ଣ ଭାବେ ଛାଡ଼ି ଦିଆଯାଇଛି।

**ଖଇରା, ୨।୪(ଡି.ଏନ.ଏ.):** ଖଇରା ବଜାର ମଝି ଡିଭାଇଡ଼ରରେ ଷ୍ଟିଲ ରେଲିଂ ଲଗାଯିବା କାର୍ଯ୍ୟକୁ ଅଧାପନ୍ତରିଆ ଭାବେ ଛାଡ଼ି ଦିଆଯାଇଛି। ଫଳରେ ଗତ ୮ଦିନ ହେଲା ସ୍ଥାନୀୟ ଜନସାଧାରଣ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ୨ଦିନ ମଧ୍ୟରେ କାର୍ଯ୍ୟ ସମ୍ପୂର୍ଣ୍ଣ ନ ହେଲେ ଖଇରା ସରପଞ୍ଚ ସୁଦର୍ଶନ ସେଠୀ ନିଜ ସମର୍ଥକଙ୍କ ସହ ଧାରଣାରେ ବସିବାକୁ ଚେତାବନୀ ଦେଇଛନ୍ତି। ପୂର୍ତ୍ତବିଭାଗର ଏହି ରାସ୍ତା ମଝିରେ ବଜାରବାସୀଙ୍କ ରାସ୍ତାପାର ଦୁର୍ଘଟଣାକୁ ରୋକିବାକୁ ଷ୍ଟିଲ ରେଲିଂ ଲଗାଇବା କାର୍ଯ୍ୟ ଗତ ୮ଦିନ ତଳୁ ଆରମ୍ଭ ହୋଇଥିଲା। ଏଥିପାଇଁ ୫ ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଥିଲା। ପ୍ରଥମେ ଡିଭାଇଡ଼ରଗୁଡ଼ିକୁ ଖୋଲି ଦିଆଯାଇଥିଲା। କିଛି ବାଟ ରେଲିଂ ଲଗାଇ ଠିକାଦାର ଏହାକୁ ଛାଡ଼ି ଦେଇଥିଲେ। ଏବେ ପ୍ରତ୍ୟେକ ଦିନ ଛୋଟବଡ଼ ଦୁର୍ଘଟଣା ଘଟୁଥିବା ନେଇ ଅଭିଯୋଗ ହୋଇଛି। ଏ ସମ୍ପର୍କରେ ସହକାରୀ ଯନ୍ତ୍ରୀ ନରେଶ ସିଂଙ୍କ ସହ ଯୋଗାଯୋଗ କରିବାରେ ଜେନେରେଟର ଖରାପ ଯୋଗୁ କାମ ଅଟକି ରହିଛି। ଖୁବ୍‌ଶୀଘ୍ର ଜେନେରେଟର ଠିକ୍ କରାଯାଇ ରାସ୍ତା ସମ୍ପୂର୍ଣ୍ଣ କରାଯିବ ବୋଲି କହିଛନ୍ତି।

## ବିଜେଡି, ଭାଜପାର ପ୍ରଚାର ଜୋରଦାର

**ସୋରଡା,୨।୪(ଡି.ଏନ୍.ଏ.):** ବିଜୁ ଜନତା ଦଳ ପ୍ରାର୍ଥୀ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଏବଂ ଭାଜପା ପ୍ରାର୍ଥୀ ନୀଳମଣି ବିଷୋୟୀଙ୍କ ତରଫରୁ ସୋରଡା ଅଞ୍ଚଳରେ ଜୋରଦାର ପ୍ରଚାର ଆରମ୍ଭ ହୋଇଯାଇଛି। ଉଭୟ ନିଜ ନିଜ ସମର୍ଥକଙ୍କ ସହ ପ୍ରଚାର ଚଳାଇଛନ୍ତି। ଭାଜପାର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭଗବାନ ପଣ୍ଡା ପ୍ରଚାରର ମଙ୍ଗ ଧରିଥିବାବେଳେ କେନ୍ଦ୍ରୀୟ ଯୋଜନାର ସଫଳତା ବଖାଣି ଭୋଟ ହାତେଇବାକୁ ଉଦ୍ୟମ ଚଳାଇଛନ୍ତି। ବିଜେଡି ପ୍ରାର୍ଥୀ ସ୍ୱାଇଁ ମଧ୍ୟ ନବୀନ ସରକାରର ବିଭିନ୍ନ ଯୋଜନା ନେଇ ଭୋଟରଙ୍କ ପାଖକୁ ଯାଉଛନ୍ତି। ଚଳିତଥର ଭାଜପା ଓ ବିଜେଡି ପ୍ରାର୍ଥୀମାନେ ଖୋଲା ଜିପ୍‌ରେ ବସି ପ୍ରଚାର କରୁଥିବା ଦେଖିବାକୁ ମିଳିଛି।

## ୨ ବଖରା ଜଳିଗଲା

**ପାତ୍ରପୁର,୨।୪(ଡି.ଏନ୍.ଏ.):** ପାତ୍ରପୁର ବ୍ଲକ ଗୁଣ୍ଡ୍ରା ଗ୍ରାମରେ ମଙ୍ଗଳବାର ସଳିତା ନିଆଁରୁ ଅଗ୍ନିକାଣ୍ଡ ଘଟି ମଙ୍ଗଳବାର ଗୋଟିଏ ପରିବାରର ୨ବଖରା ଜଳିଯାଇଛି। ବିପନ୍ନ ହେଲେ ପନ୍ଦରାସାହିର ଅଜିଲ ବାଡତ୍ୟା। ଗ୍ରାମବାସୀ ଏକାଠିହୋଇ ନିଆଁ ଲିଭାଇଥିଲେ। ତହସିଲ କର୍ମଚାରୀ ଆସି କ୍ଷୟକ୍ଷତି ଆକଳନ କରି ଫେରିଛନ୍ତି। ତୁରନ୍ତ ସରକାରି ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।

# ଚୈତ୍ରପର୍ବ ପାଇଁ ମିଳିଲାନି ଅନୁମତି

**ବାରିପଦା ଅଫିସ,୨।୪**

କଳା ସଂସ୍କୃତି ପାଇଁ ମୟୂରଭଞ୍ଜ ଜିଲା ସବୁ ବେଳେ ସବୁବେଳେ ସମଗ୍ର ଭାରତ ବର୍ଷରେ ଚର୍ଚ୍ଚିତ ହୋଇ ରହି ଆସିଛି। ଏହି ଜିଲାର ଏକ ସ୍ୱତନ୍ତ୍ର ପର୍ବ ହେଉଛି ଛଉ ପର୍ବ। ପ୍ରତିବର୍ଷ ଜିଲା ପ୍ରଶାସନର ସହଯୋଗରେ ଏହା ପାଳିତ ହୋଇଥାଏ। ଏଥର ଆସନ୍ତା ୧୧, ୧୨ ଓ ୧୩ ତାରିଖରେ ବାରିପଦା ସ୍ଥିତ ଛଉ ପଡିଆରେ ପାଳନ ହେବା ନେଇ ସମୟ ଧାର୍ଯ୍ୟ କରାଯାଇଥିଲା। ହେଲେ ଏହି ପର୍ବ ନିର୍ବାଚନ ଆଚରଣ ବିଧି ଉଲଘଂନ କରୁଥିବା ଦର୍ଶାଇ ଏହାକୁ ପାଳନ ନ କରିବା ପାଇଁ ଡେପୁଟି ଚିଫ ଇଲେକ୍ଟୋରାଲ ଅଫିସର ନିତି ରଞ୍ଜନ ସେନ ମୟୂରଭଞ୍ଜ ଜିଲାପାଳ ବିନିତ ଭରଦ୍ୱାଜଙ୍କୁ ଜଣାଇଛନ୍ତି। ପତ୍ର ସଂଖ୍ୟା ୬୯୦୧ /୩୧ ମାର୍ଚ୍ଚ ୨୦୧୯ ରେ ଏହି ସୂଚନା ଦିଆଯାଇଛି। ଏହି ନିର୍ଦ୍ଦେଶ ଆସିବା ପରେ ଜିଲା ସଂସ୍କୃତି କାର୍ଯ୍ୟାଳୟ ପକ୍ଷରୁ ଚିଠି ନଂ.୧୭୦/୨ ଏପ୍ରିଲ ୨୦୧୯ରେ ଉତ୍ତର ସାହି ଓ ଦକ୍ଷିଣ ସାହି ଏବଂ ବିଭିନ୍ନ ପଦାଧିକାରୀ ତଥା ବିଭିନ୍ନ ଅଧିକାରୀଙ୍କୁ ଅବଗତ କରାଇ ଦିଆଯାଇଛି। ତେବେ ନିର୍ବାଚନ କମଶନଙ୍କ ଏଭଳି ନିର୍ଦ୍ଦେଶକୁ ବିଭିନ୍ନ ମହଲରେ ବିରୋଧ କରାଯାଉଥିବାରୁ ବିବାଦୀୟ ସ୍ଥିତି ସୃଷ୍ଟି ହୋଇଛି। ଏନେଇ ଜିଲା ସଂସ୍କୃତି ଅଧିକାରୀ ତନୁଜା ସିର୍କାଙ୍କୁ ପଚାରିବାରୁ କଂହିଛନ୍ତି, ପର୍ବ ପାଳନ କରିବା ପାଇଁ ନିର୍ବାଚନ କମିଶନଙ୍କ ଅନୁମତି ମଗାଯାଇଥିଲା। ହେଲେ ସେ ନିର୍ବାଚନ ଆଚରଣ ବିଧି ଉଲଂଘନ ହେବା ଦର୍ଶାଇ ଏହାକୁ ପାଳନ ନ କରିବା ପାଇଁ ଜଣାଇଛନ୍ତି।

## ମହିଳାଙ୍କୁ ଖୁରମାଡ଼

**ବାଲେଶ୍ୱର ଅଫିସ, ୨।୪**

ବାଲେଶ୍ୱର ସଦର ଥାନା ରାଣୀପାଟଣାସ୍ଥିତ ଦରଜିପୋଖରୀସ୍ଥିତ ଏକ ଭଡା ଘରେ ରହୁଥିବା ଜଣେ ମହିଳାଙ୍କୁ ମଙ୍ଗଳବାର ରାତି ୮ଟା ସମୟରେ ଜଣେ ଦୁର୍ବୃତ୍ତ ଖୁରମାଡ କରି ଫେରାର ହୋଇଯାଇଛନ୍ତି। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଥିବାବେଳେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଉକ୍ତ ମହିଳା ହେଲେ ଖନ୍ତାପଡା ଥାନା ଅଧୀନସ୍ଥ ବରୁଣସିଂ ଗ୍ରାମର ଯମୁନା ମହାନ୍ତି(୨୫)।

## ଏପ୍ରିଲ ୮ରୁ ସକାଳୁଆ କୋର୍ଟ

**ନବରଙ୍ଗପୁର, ୨।୪ (ବି.ପ୍ର):** ଓଡିଶା ଉଚ୍ଚନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁଯାୟୀ ନବରଙ୍ଗପୁରଜିଲାରସମସ୍ତ ବିଚାରବିଭାଗୀୟ ଅଦାଲତ ୮ତାରିଖରୁ ସକାଳୁଆ ହେବ । ସକାଳ ୭ଟାରୁ କୋର୍ଟରେ ଅଫିସ କାର୍ଯ୍ୟ ଆରମ୍ଭ ହେବ । ୭ଟା୩୦ରୁ ମଧ୍ୟାହ୍ନ ୧୨ଟା୩୦ମି ପର୍ଯ୍ୟନ୍ତ କୋର୍ଟଗୁଡିକର ଶୁଣାଣି କାର୍ଯ୍ୟ ଚାଲିବ ।

## ଦୁର୍ଘଟଣାରେ ୩ ଗୁରୁତର

**ବାହାନଗା, ୨।୪(ଡି.ଏନ.ଏ.):** ବାହାନଗା ବ୍ଲକ ଗୋପାଳପୁର ବଜାରସ୍ଥିତ ଏକ ହୋଟେଲ ସାମ୍ନାରେ ମଙ୍ଗଳବାର ଦୁଇଟି ମଟର ସାଇକେଲ ମୁହାଁମୁହିଁ ହେବାରୁ ୩ଜଣ ଯୁବକ ଗୁରୁତର ହୋଇଛନ୍ତି। ସମସ୍ତଙ୍କୁ ଚିକିତ୍ସା ପାଇଁ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ପଣ୍ଡାଶୁଣି ଗ୍ରାମରୁ ସରୋଜ ମାଝି (୧୮) ଓ ଅଲେଖ ଯେନା(୨୦) ବାଇକ୍ ଯୋଗେ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ବେଣାପଦା ଗ୍ରାମର ସଞ୍ଜିବ ପରିଡ଼ାଙ୍କ ବାଇକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ସରୋଜ, ଅଲେଖ ଓ ସଞ୍ଜୀବ ଗୁରୁତର ହୋଇ ତଳେ ପଡ଼ିଥିଲେ।






# ରାଜ୍ୟ ବିଜୁ ଶ୍ରମିକ ସାମ୍ମୁଖ୍ୟରୁ ଇସ୍ତଫା ଦେଲେ ଶ୍ରମିକନେତା


ଶ୍ରମିକ ନେତାଙ୍କ ଖବରଦାତା ସମ୍ମିଳନୀ।

**ବାଲେଶ୍ୱର ଅଫିସ, ୨।୪**

ରାଜ୍ୟ ବିଜୁ ଶ୍ରମିକ ସାମ୍ମୁଖ୍ୟର ସମ୍ପାଦକ ପଦରୁ ଶ୍ରମିକନେତା ଅରୁଣ କୁମାର ସ୍ୱାଇଁ ଇସ୍ତଫା ଦେଇଛନ୍ତି। ଏନେଇ ସେ ବାଲେଶ୍ୱର ହିନ୍ଦ୍ ମଜଦୁର ସଭା କାର୍ଯ୍ୟାଳୟରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ସେ ରାଜ୍ୟ ହିନ୍ଦ୍ ମଜଦୁର ସଭାର ସମ୍ପାଦକ ଭାବେ ନିଯୁକ୍ତି ପାଇଥିବା ପ୍ରକାଶ କରି ସେ ଏକକାଳୀନ ଦୁଇଟି ପଦବୀରେ ନ ରହିବାର ନିଷ୍ପତ୍ତି ନେଇ ଏପରି ପଦକ୍ଷେପ ନେଇଛନ୍ତି।

ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀରେ ବହୁ ଯୁବନେତୃତ୍ୱ ଅଛନ୍ତି। ଜନସାଧାରଣ ନୂତନ ପ୍ରାର୍ଥୀ ଚାହୁଁଥିବା ବେଳେ ପ୍ରାର୍ଥିତ୍ୱ ପରିବର୍ତ୍ତନ କରାଯାଇ ନ ଥିବାରୁ ସେ ଦୁଃଖ ପ୍ରକାଶ କରିଛନ୍ତି। ବାଲେଶ୍ୱର ଜିଲାରେ ୫୦ହଜାରରୁ ଊର୍ଦ୍ଧ୍ୱ ନିର୍ମାଣ ଶ୍ରମିକ କାର୍ଡ଼ ପାଇଥିବା ବେଳେ ସଦର ନିର୍ବାଚନମଣ୍ଡଳୀରେ ୨୨ହଜାର ଶ୍ରମିକଙ୍କୁ କାର୍ଡ଼ ଦିଆଯାଇଛି। ଆଗାମୀ ଦିନରେ ଏ ସଙ୍ଗଠନକୁ ଆହୁରି ସୁଦୃଢ଼ କରିବା ପାଇଁ କହିଥିଲେ। ଏହି ସମ୍ମିଳନୀରେ ନିର୍ମାଣ ଶ୍ରମିକନେତା ପିତାମ୍ବର ମାଝି, ହିନ୍ଦ୍ ମଜଦୁର ସଭାର କାର୍ଯ୍ୟକାରୀ କର୍ତ୍ତା ଶମ୍ଭୁନାଥ ଦାସ, ଅନୀଲ ଦାସ, ଲୋକନାଥ ଦାସ ଓ ତ୍ରିଲୋଚନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ବରିଷ୍ଠ କିରାଣିଙ୍କୁ ୩ବର୍ଷ ଜେଲ

**ବାଲେଶ୍ୱର ଅଫିସ,୨।୪**

ଏକ ଲାଞ୍ଚ ମାମଲାର ବିଚାର କରି ବାଲେଶ୍ୱର ଭିଜିଲାନ୍ସ ସ୍ୱତନ୍ତ୍ର ଜଜ୍ ଶାରଦା ପ୍ରସାଦ ନାୟକ ମଙ୍ଗଳବାର ସନ୍ଧ୍ୟାରେ ଭଦ୍ରକ ଜିଲା ମୁଖ୍ୟଡାକ୍ତରଖାନାର ବରିଷ୍ଠ କିରାଣି ଦିଲୀପ କୁମାର ଦାଶଙ୍କୁ ବିଭିନ୍ନ ଦଫାରେ ୩ବର୍ଷ ଜେଲ୍‌ଦଣ୍ଡ ସହିତ ୮ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଆଉ ୩ମାସ ଜେଲ୍‌ଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି। ଗତ ୨୦୧୬ ମସିହା ମାର୍ଚ୍ଚ ୭ ତାରିଖରେ ଭଦ୍ରକ ଜିଲା ତିହିଡ଼ି ଥାନା ସକିନ୍ଦା ଗ୍ରାମର ଗଗନ ବିହାରୀ ଭିନ୍ନକ୍ଷମ ପ୍ରମାଣପତ୍ର ନେବାକୁ ଯାଇଥିବା ବେଳେ ମୁଖ୍ୟ କିରାଣି ଦାଶ ତାଙ୍କୁ ୩ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏହି ଘଟଣାରେ ଭିଜିଲାନ୍ସ ଜାଣିବା ପରେ ତାଙ୍କୁ ଟ୍ରାପ୍ କରିଥିଲା। ବାଲେଶ୍ୱର ଭିଜିଲାନ୍ସ ଅଫିସ୍‌ରେ ମାମଲା (ନଂ. ୧୫/୨୦୧୬) ରୁଜୁ କରାଯାଇ ବିଚାର କରାଯାଇଥିଲା। ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ସ୍ୱତନ୍ତ୍ର ଜଜ୍ ଭିଜିଲାନ୍ସ ନାୟକ ଏହି ଦଣ୍ଡାଦେଶ ଦେଇଛନ୍ତି। ସରକାରଙ୍କ ତରଫରୁ ଆଇନ୍‌ଜୀବୀ ସେକ୍ ହାଜିରୁଦ୍ଦିନ ଉକ୍ତ ମାମଲାର ପରିଚାଳନା କରିଥିଲେ।

# ଅନୁଧ୍ୟାନକରି ଫେରିଲେ ଡାକ୍ତରୀ ଦଳ

**କୁଆମରା, ୨।୪(ଡି.ଏନ.ଏ.)**

### ବ୍ୟାପୁଛି କିଡ୍‌ନୀ ବେମାରି

- ୩ ବର୍ଷରେ ୧୦ଜଣଙ୍କର ମୃତ୍ୟୁ ଘଟିଥିବା ଅଭିଯୋଗ
- ନଳକୂପ ଜଳ ପରୀକ୍ଷାରୁ ମିଳିଲାନି କିଛି ତଥ୍ୟ
- କାରଣ ଜଣାପଡୁ ନ ଥିବାରୁ ଲୋକେ ଆତଙ୍କିତ

ମୟୂରଭଞ୍ଜ ଜିଲା ଆଦିବାସୀ ଅଧ୍ୟୁଷିତ ଗୋପବନ୍ଧୁ ନଗର ବ୍ଲକ ଅଧୀନ ପୁରୁଣା ବାରିପଦା ପଞ୍ଚାୟତର ମାଙ୍କଡକେଦା ଗ୍ରାମରେ କିଡ୍‌ନୀ ବେମାରୀ ବ୍ୟାପିବାରେ ଲାଗିଛି। ଏହି ଗ୍ରାମର ୧୧ ନମ୍ବର ୱାଡରେ କିଡ୍‌ନୀ ରୋଗରେ ବର୍ତ୍ତମାନ ୯ଜଣ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଛନ୍ତି। ଏହା ବ୍ୟତୀତ ଯକ୍ଷ୍ମା ରୋଗରେ ମଧ୍ୟ ୫ଜଣ ପୀଡିତ ଅଛନ୍ତି। ଗତ ୩ ବର୍ଷ ମଧ୍ୟରେ ଏଠାରେ କିଡ୍‌ନୀ ବେମାରୀରେ ୧୦ ଜଣଙ୍କର ମୃତ୍ୟୁ ଘଟିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ରୋଗର ପ୍ରତିକାର ଲାଗି ପ୍ରଶାସନ ପଦକ୍ଷେପ ନେଉ ନ ଥିବାରୁ ଗ୍ରାମବାସୀ ଭୋଟ ବର୍ଜନ କରିବେ ବୋଲି ଚେତାବନୀ ଦେବା ପରେ ସୋମବାର ଖୁଣ୍ଟା ଡାକ୍ତରଖାନାର ଭାରପ୍ରାପ୍ତ ଅଧିକାରୀ ଡା. ପରମ ଜିତ ମହାନ୍ତ, ଆୟୁଷ ଡା. ଅସିତ କୁମାର ସାହୁ ପ୍ରମୁଖ ଅନୁଧ୍ୟାନ କରି ଫେରିଛନ୍ତି।

ଆଦିବାସୀ ଅଧ୍ୟୁଷିତ ମାଙ୍କଡକେଦା ଗ୍ରାମରେ ମୋଟ ୧୧୦ ପରିବାର ବସବାସ କରୁଛନ୍ତି। ଲୋକସଂଖ୍ୟା ୪୮୦। କେଉଁ କାରଣରୁ ଗାଁରେ କିଡ୍‌ନୀ ଓ ଯକ୍ଷ୍ମା ଭଳି ବେମାର ବ୍ୟାପୁଛି ତାହା ଲୋକେ ଜାଣି ଜାଣି ନ ପାରି ଆତଙ୍କିତ ଅବସ୍ଥାରେ ଦିନ ବିତାଉଛନ୍ତି। ଗ୍ରାମବାସୀଙ୍କ ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିବାରୁ ସେମାନେ ଡାକ୍ତରଖାନା ଯାଇ ଚିକିତ୍ସା ହୋଇ ପାରୁ ନାହାନ୍ତି। କେତେକ ଦେଶୀ ଚିକିତ୍ସା ବ୍ୟବସ୍ଥାକୁ ଆଦରି ନେଇଛନ୍ତି। ଆଉ କେତେକ କିଡ୍‌ନୀ ରୋଗୀ ଉଦଳା, ବାରିପଦାକୁ ଯାଇ ପ୍ରାଥମିକ ଚିକିତ୍ସା କରିଥିଲେ ମଧ୍ୟ ଅର୍ଥାଭାବରୁ ପରେ ଆଉ ଡାକ୍ତରଖାନା ଯାଇପାରି ନ ଥିବା କହିଛନ୍ତି। ସେହିପରି କଟକରେ ଚିକିତ୍ସାଧୀନ ଅବସ୍ଥାରେ କେତେଜଣଙ୍କର ମୃତ୍ୟୁ ଘଟିଛି। ଗତ ୩ ବର୍ଷରେ କିଡ୍‌ନୀ ରୋଗରେ ୧୦ ଜଣଙ୍କର ମୃତ୍ୟୁ ଘଟିଥିବାର ପ୍ରମାଣପତ୍ର ଥିଲେ ମୃତକଙ୍କ ପରିବାରକୁ କୌଣସି ସହାୟତା ମିଳି ନ ଥିବା ଗ୍ରାମବାସୀ କହିଛନ୍ତି। ପ୍ରଶାସନ ପକ୍ଷରୁ ଏଥିପୂର୍ବରୁ ନଳକୂପର ଜଳ ପରୀକ୍ଷା କରାଯାଇ ଦାୟିତ୍ୱ ଶେଷ କରି ଦିଆଯାଇଥିଲା। ଏଣୁ ପ୍ରଶାସନ ଘଟଣା ଉଚ୍ଚସ୍ତରୀୟ ଅନୁଧ୍ୟାନ କରି ପ୍ରତିକାର ନ କଲେ ଗ୍ରାମବାସୀ ଭୋଟ ବର୍ଜନ କରିବେ ବୋଲି ଗଣମାଧ୍ୟମ ପ୍ରତିନିଧିଙ୍କୁ କହିଥିଲେ। ଗ୍ରାମବାସୀଙ୍କ ଅଭିଯୋଗ ସମ୍ପର୍କରେ ବିଡିଓ ମନୋଜ କୁମାର ବେହେରାଙ୍କୁ ପଚାରିବାରୁ କହିଛନ୍ତି, ଗ୍ରାମରେ ଥିବା ୩ଟି ନଳକୂପର ପାଣି ପରୀକ୍ଷା କରାଯିବା ପରେ ତାହା ଠିକ ଥିବା ଜଣାପଡିଛି। ଡାକ୍ତରୀଦଳର ଅନୁଧ୍ୟାନ ପରେ ଆବଶ୍ୟକ ପଦକ୍ଷେପ ନିଆଯିବ । ଡାକ୍ତରୀ ଦଳର ପରିଦର୍ଶନ ପରିପ୍ରେକ୍ଷୀରେ ସମିତି ସଭ୍ୟ ଉମ୍ବରୁଧର ସିଂ, ୱାର୍ ସଭ୍ୟା ଗେହ୍ଲମଣୀ ସିଂ, ଆଶା କର୍ମୀ ସୁଜାତା ବେହେରା, ଅଙ୍ଗନୱାଡି କର୍ମୀ ଜାନକୀ ସିଂ, ପୂର୍ବତନ ଜିଲା ପରିଷଦ ସଦସ୍ୟ ଦମୟନ୍ତୀ ସିଂ, ଏଏନଏମ କନକ ମାଇତି ପ୍ରମୁଖ ଗାଁ ବୁଲି ଦେଖିଥିଲେ।









2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ